


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୨୭ ଏପ୍ରିଲ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 27 APRIL 2024
Vol.No. 35 ■ No.113 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଶେଷ; ହେଭିୱେଟଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ଭୋଟର୍



ନୂଆଦିଲ୍ଲୀ, ୨୬/୦୪: ଦ୍ୱିତୀୟ ପର୍ଯ୍ୟାୟ ମତଦାନ ପରେ କେରଳ, ରାଜସ୍ଥାନ ଓ ତ୍ରିପୁରାରେ ନିର୍ବାଚନ ସରିଯାଇଛି। ମେ ୭ ତାରିଖରେ ୯୪ ସିଟରେ ହେବ ତୃତୀୟ ପର୍ଯ୍ୟାୟ ଭୋଟ୍ ଗ୍ରହଣ। ପୂର୍ବରୁ ଗତ ୧୯ ତାରିଖରେ ପ୍ରଥମ ପର୍ଯ୍ୟାୟରେ ୧୦୨ଟି ଲୋକସଭା ଆସନରେ ମତଦାନ ହୋଇସାରିଛି। ଆଜି ସାଧାରଣ ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ପ୍ରକ୍ରିୟାରେ ୧୩ଟି ରାଜ୍ୟର ୮୮ ଆସନରେ ଭୋଟ ଗ୍ରହଣ କରାଯାଇଛି । ସକାଳ ୭ଟାରୁ ଭୋଟ୍ ଗ୍ରହଣ ଆରମ୍ଭ ହୋଇଥିଲା । କର୍ଣ୍ଣାଟକର ୧୪, ରାଜସ୍ଥାନର ୧୩, ଉତ୍ତରପ୍ରଦେଶର ୮, ମହାରାଷ୍ଟ୍ରର ୮, ମଧ୍ୟପ୍ରଦେଶର ୭, ବିହାରର ୫, ଆସାମର ୫, ଛତିଶଗଡ଼ର ୩, ପଶ୍ଚିମବଙ୍ଗର ୩ ଏବଂ ମଣିପୁର, ତ୍ରିପୁରା ଓ ଜାମ୍ମୁ କାଶ୍ମୀରର ଗୋଟିଏ ଲେଖାଏଁ ଆସନ ପାଇଁ ମତଦାନ ଚାଲିଛି। ଏହା ଭିତରେ ରହିଛି କେରଳର ସମସ୍ତ ୨୦ଟି ଯାକ ସିଟ୍। ବିଏସପି ପ୍ରାର୍ଥୀଙ୍କ ମୃତ୍ୟୁ ଯୋଗୁଁ ମଧ୍ୟପ୍ରଦେଶର ବେତୁଲ ଆସନରେ ଭୋଟ୍ ହେଉନାହିଁ। ଏ ସବୁ ରାଜ୍ୟରେ ପ୍ରାୟ ୧୬ କୋଟି ଭୋଟର ୧୨୦୨ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ମତଦାନ ଲାଗି ୧ ଲକ୍ଷ ୬୭ ହଜାର ପୋଲିଂ ବୁଥର ବ୍ୟବସ୍ଥା କରାଯାଇଛି। ଆଜି ମତଦାନ ହେଉଥିବା ରାଜ୍ୟ ଗୁଡିକରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଛି। ମାଓ ଉପଦ୍ରୁତ ଓ ସମ୍ବେଦନଶୀଳ ଅଞ୍ଚଳରେ ରଖାଯାଇଥିଲା ସ୍ୱତନ୍ତ୍ର ଫୋକସ୍। ସଂଧ୍ୟା ୫ଟା ସୁଦ୍ଧା ୬୨% ମତଦାନ ହୋଇଥିବା ଜଣାଯାଇଛି ।

## ୨୮ରେ ଓଡ଼ିଶା ଆସିବେ ଜେ.ପି ନଡ୍ଡା: କର୍ମୀଙ୍କୁ ଦେବେ ଗୁରୁମନ୍ତ୍ର



ଭୁବନେଶ୍ୱର, ୨୬/୦୪ (ନି.ପ୍ର): ଆସନ୍ତା ୨୮ ତାରିଖରେ ଓଡ଼ିଶା ଆସିବେ ବିଜେପି ରାଷ୍ଟ୍ରୀୟ ସଭାପତି ଜେ.ପି ନଡ୍ଡା। ବିଜେପିର ବରିଷ୍ଠ ନେତା ସମୀର ମହାନ୍ତି ଆଜି ଏହି ସୂଚନା ଦେଇଛନ୍ତି। ଜେ.ପି ନଡ୍ଡା ଦିନିକିଆ ଗ୍ରସ୍ତରେ ବ୍ରହ୍ମପୁରରେ ସାଧାରଣ ସଭାକୁ ସମ୍ବୋଧିତ କରିବେ। ଏହାସହ ସେଠାରେ ବିଜେପିର କାର୍ଯ୍ୟକର୍ତ୍ତାଙ୍କୁ ଗୁରୁମନ୍ତ୍ର ଦେବେ। ଏହାପରେ ଜେ.ପି ନଡ୍ଡା ନବରଙ୍ଗପୁର ଯିବେ। ସେଠାରେ ବିଜେପି କାର୍ଯ୍ୟକର୍ତ୍ତାଙ୍କୁ ଭେଟି ଆଲୋଚନା କରିବେ। ଗତକାଲି ବିଜେପିର ଚାଣକ୍ୟ ତଥା କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ଓଡ଼ିଶା ଆସିଥିଲେ। ଶାହ ନିର୍ବାଚନୀ ପ୍ରଚାରର ବିଗୁଲ୍ ଫୁଙ୍କିବା ସହ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ଅମିତ୍ ଶାହଙ୍କ ଗ୍ରସ୍ତର ଦୁଇ ଦିନ ପରେ ବିଜେପି ରାଷ୍ଟ୍ରୀୟ ସଭାପତି ଜେ.ପି ନଡ୍ଡା ଆସୁଛନ୍ତି। ସେ କର୍ମୀଙ୍କୁ ▶▶ପୃଷ୍ଠା ୭

## ୫ ବର୍ଷ ତଳେ ଦୁଇ ଜଣଙ୍କୁ ହତ୍ୟା କରିଥିଲେ: ଆଜି ମିଳିଲା ଫାଶୀ ଦଣ୍ଡାଦେଶ

ନୟାଗଡ଼ , ୨୬/୪ (ନି.ପ୍ର): ୫ ବର୍ଷ ତଳେ ଅତି ବୀଭତ୍ସ ଭାବେ ଦୁଇ ଜଣଙ୍କୁ ହତ୍ୟା କରିଥିଲେ ଅଭିଯୁକ୍ତ। ଏହି ମାମଲାର ଶୁଣାଣି ଚାଲିଥିବା ବେଳେ ଆଜି ପ୍ରକାଶ ପାଇଛି ରାୟ। ଆଉ ଅଭିଯୁକ୍ତଙ୍କୁ ମିଳିଛି ଫାଶୀ ଦଣ୍ଡାଦେଶ। ନୟାଗଡ଼ ଜିଲ୍ଲା ଓଡଗାଁ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ଏକ ହତ୍ୟା ମାମଲାର ଶୁଣାଣି କରି ଏହି ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତଙ୍କୁ ମୃତ୍ୟୁ ଦଣ୍ଡାଦେଶ ହେବା ମାମଲା ନୟାଗଡ଼ ଜିଲ୍ଲାରେ ପ୍ରଥମ ବୋଲି କୁହାଯାଉଛି । ଫାଶୀ ଦଣ୍ଡାଦେଶ ପାଇଥିବା ଅଭିଯୁକ୍ତଜଣଙ୍କ ହେଲେ ଓଡଗାଁ ଥାନା କୁଶଢିପି ଗାଁର ନିରଞ୍ଜନ ମଲ୍ଲୀକ । କୌଣସି କାରଣକୁ ନେଇ ୨୦୧୯ ମସିହା ଜାନୁୟାରୀ ୧୭ ତାରିଖ ରାତିରେ ନିରଞ୍ଜନ ଓଡଗାଁରେ ୨ଜଣଙ୍କୁ ହତ୍ୟା କରିଥିଲେ । ଏହି ଘଟଣାରେ ୩ ଜଣ ଗୁରୁତର ଆହତ ମଧ୍ୟ ହୋଇଥିଲେ। ନିରଞ୍ଜନ ଉକ୍ତ ରାତିରେ ଓଡଗାଁ ▶▶ପୃଷ୍ଠା ୭

## ବିଜେପିକୁ ଫେରିଲେ ବିଧାୟକ ପର୍ଶୁରାମ ଧଡା

ଭୁବନେଶ୍ୱର, ୨୬/୦୪ (ନି.ପ୍ର): ବିଜେପିରୁ ରାଜନୈତିକ ଜୀବନ ଆରମ୍ଭ କରିଥିବା ବିଧାୟକ ପର୍ଶୁରାମ ଧଡା ଆଜି ଆନୁଷ୍ଠାନିକ ଭାବେ ନିଜର ପୁରୁଣା ଦଳକୁ ଫେରିଛନ୍ତି। ସେଥିପାଇଁ ସେ ବିଜେପି ରାଜ୍ୟ ନେତୃମଣ୍ଡଳୀକୁ କୃତଜ୍ଞତା ଜଣାଇଛନ୍ତି। କୌଣସି ଆଶା ଓ ଅଭିଳାଶ ନେଇ ବିଜେପିକୁ ଆସିନଥିବା ଶ୍ରୀ ଧଡା କହିଛନ୍ତି। ବାଲେଶ୍ୱର ଜିଲ୍ଲା ସୋର ନିର୍ବାଚନମଣ୍ଡଳୀ ଦିନେ କଂଗ୍ରେସ ଗଡ଼ ଭାବେ ପରିଚିତ ଥିଲା। ୨୦୧୪ ମସିହାରେ କଂଗ୍ରେସର ବିଜୟ ରଥରେ ବ୍ରେକ୍ ଲଗାଇ ବିଜେଡିରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ ପର୍ଶୁରାମ ଧଡା। ୨୦୧୯ ସାଧାରଣ ନିର୍ବାଚନରେ ପୁଣି ତାଙ୍କୁ ଦଳ ପ୍ରାର୍ଥୀ କରିଥିଲା। ଶ୍ରୀ ଧଡା ମଧ୍ୟ ବିଜୟୀ ହୋଇ ବିଧାନସଭାକୁ ଯାଇଥିଲେ। ହେଲେ ୨୦୨୪ ସାଧାରଣ ନିର୍ବାଚନରେ ବିଜେଡି ତାଙ୍କୁ ପ୍ରାର୍ଥୀ କରିନଥିଲା। ଯେଉଁଥିପାଇଁ ଶ୍ରୀ ଧଡା ଅସନ୍ତୋଷ ବ୍ୟକ୍ତି କରି ବିଜେଡି ଛାଡ଼ିଥିଲେ। ଶ୍ରୀ ଧଡ଼ା ନିଜ ସମର୍ଥକଙ୍କ ଗହଣରେ ଆସି ଆଜି ବିଜେପିରେ ଯୋଗଦେଇଛନ୍ତି। ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଆୟୋଜିତ ମିଶ୍ରଣ ପର୍ବରେ ରାଜ୍ୟ ବିଜେପି ସହପ୍ରଭାରୀ ଲତା ଉସେଣ୍ଡିଙ୍କ ଉପସ୍ଥିତିରେ ଶ୍ରୀ ଧଡାଙ୍କୁ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ୍ ପୁଷ୍ପଗୁଚ୍ଛଦେଇ ସ୍ୱାଗତ କରିଥିଲେ। ▶▶ପୃଷ୍ଠା ୭

## ମେ ୧୩ରେ ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ଭୋଟ: ୨୮ ବିଧାନସଭା ଆସନ ପାଇଁ ୨୬୬ ପ୍ରାର୍ଥୀ



ଭୁବନେଶ୍ୱର, ୨୬/୦୪ (ନି.ପ୍ର): ରାଜ୍ୟରେ ମେ ୧୩ରେ ହେବ ପ୍ରଥମ ପର୍ଯ୍ୟାୟ ଭୋଟ । ଏହି ପର୍ଯ୍ୟାୟରେ କଳାହାଣ୍ଡି, ନବରଙ୍ଗପୁର, ବ୍ରହ୍ମପୁର ଓ କୋରାପୁଟ ଲୋକସଭା କ୍ଷେତ୍ର ଓ ଏହା ଅଧିନ ସମସ୍ତ ୨୮ ବିଧାନସଭା କ୍ଷେତ୍ର ପାଇଁ ଭୋଟ ଗ୍ରହଣ ହେବ । ରାଜ୍ୟରେ ମେ ୧୩ରେ ହେବ ପ୍ରଥମ ପର୍ଯ୍ୟାୟ ଭୋଟ । ଏହି ପର୍ଯ୍ୟାୟରେ କଳାହାଣ୍ଡି, ନବରଙ୍ଗପୁର, ବ୍ରହ୍ମପୁର ଓ କୋରାପୁଟ ଲୋକସଭା କ୍ଷେତ୍ର ଓ ଏହା ଅଧିନ ସମସ୍ତ ୨୮ ବିଧାନସଭା କ୍ଷେତ୍ର ପାଇଁ ଭୋଟ ଗ୍ରହଣ ହେବ । ତେବେ ୪ ଲୋକସଭା କ୍ଷେତ୍ର ପାଇଁ ୩୯ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିବା ନିର୍ବାଚନ କମିଶନଙ୍କ ପକ୍ଷରୁ ସୂଚନା ଦିଆଯାଇଛି । କଳାହାଣ୍ଡି ଲୋକସଭା କ୍ଷେତ୍ର ପାଇଁ ୧୧ ପ୍ରାର୍ଥୀ, ନବରଙ୍ଗପୁର ଲୋକସଭା ଆସନ ପାଇଁ ୪ ଜଣ ପ୍ରାର୍ଥୀ, ବ୍ରହ୍ମପୁର ଲୋକସଭା ଆସନ ପାଇଁ ୧୧ ପ୍ରାର୍ଥୀ ଓ କୋରାପୁଟ ଲୋକସଭା କ୍ଷେତ୍ର ପାଇଁ ୧୩ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ତେବେ ଏହି ୪ ଲୋକସଭା କ୍ଷେତ୍ରରେ ୨୮ ବିଧାନସଭା ଆସନ ପାଇଁ ୨୬୬ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ତେବେ ବ୍ରହ୍ମପୁର ବିଧାନସଭା କ୍ଷେତ୍ର ପାଇଁ ସର୍ବାଧିକ ୨୦ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏହାପରେ ଆସନ୍ତା ମେ' ▶▶ପୃଷ୍ଠା ୭

## ବସ୍‌ରେ ଥିଲେ ୪୦ ଯାତ୍ରୀ: ହଠାତ୍ ଲାଗିଲା ନିଆଁ

ଢେଙ୍କାନାଳ, ୨୬/୪ (ନି.ପ୍ର): ବସ୍‌ରେ ଥିଲେ ୪୦ ଯାତ୍ରୀ। ଦ୍ରୁତ ଗତିରେ ବସ୍‌ଟି ଲକ୍ଷ୍ୟ ସ୍ଥଳ ଅଭିମୁଖେ ଯାଉଥିଲା। ମାତ୍ର ହଠାତ୍ ବିଚ୍ ରାସ୍ତାରେ ବସ୍‌ରେ ଲାଗିଲା ନିଆଁ। ଆଉ ହୁତୁହୁତୁ ହୋଇ ଜଳିଗଲା ବସ୍। ଏପରି ଏକ ଅଘଟଣ ଆଜି ଢେଙ୍କାନାଳ ଜିଲ୍ଲାରେ ଘଟିଛି। ଏଥିରେ କେହି ମୃତାହତ ହୋଇ ନ ଥିବା ଜଣାଯାଇଛି। 'ପ୍ରିୟାଂଶି' ନାମକ ବସ୍ ଆଜି ସକାଳେ ପ୍ରାୟ ୪୦ ଯାତ୍ରୀଙ୍କୁ ଧରି ଅନୁଗୁଳରୁ ଭୁବନେଶ୍ୱର ଅଭିମୁଖେ ବାହାରିଥିଲା। ବସ୍‌ଟି ଢେଙ୍କାନାଳ ଜିଲ୍ଲା ଅତିକ୍ରମ କରୁଥିବା ବେଳେ ଆନନ୍ଦ ନଗର ନିକଟରେ ଜାତୀୟ ରାଜପଥ ୫୫ ଉପରେ ହଠାତ୍ ସେଥିରେ ନିଆଁ ଲାଗି ଯାଇଥିଲା। ▶▶ପୃଷ୍ଠା ୭

## ଜଳୁଛି ଓଡ଼ିଶା


ଭୁବନେଶ୍ୱର, ୨୬/୦୪ (ନି.ପ୍ର): ତାତିରେ ଜଳୁଛି ଓଡ଼ିଶା। ଜୀବନ ଯାତ୍ରାକୁ ଅସ୍ତବ୍ୟସ୍ତ କରିଛି ତାତି। ଆଜି ଦିନ ସାଢ଼େ ଦୁଇଟା ସୁଦ୍ଧା ଶିଳ୍ପ ନଗରୀ ଝାରସୁଗୁଡ଼ା ପାଲଟିଛି ଉତ୍ତପ୍ତ ସହର। ଆଜି ଏଠାରେ ତାପମାତ୍ରା ୪୩.୫ ଡିଗ୍ରୀ ରେକର୍ଡ କରାଯାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏନେଇ ସୂଚନା ଦିଆଯାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ଅନୁସାରେ ଝାରସୁଗୁଡା ତାପମାତ୍ରା ୪୩.୫ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ସମ୍ବଲପୁର ୪୩ ଡିଗ୍ରୀ, ହୀରାକୁଦର ୪୩ ଡିଗ୍ରୀ, ରାଉରକେଲାର ୪୨ ଡିଗ୍ରୀ, କେନ୍ଦୁଝରର ୪୧.୮ ଡିଗ୍ରୀ, ଚାନ୍ଦବାଲିର ୪୧.୬ ଡିଗ୍ରୀ, ଭୁବନେଶ୍ୱର ୪୦.୫ ଡିଗ୍ରୀ, ବାଲେଶ୍ୱରର ୩୯.୬ ଡିଗ୍ରୀ, ପୁରୀର ୩୪.୪ ଡିଗ୍ରୀ,ଗୋପାଳପୁରର ୩୩.୬ ଡିଗ୍ରୀ, ପାରାଦୀପର ୩୩.୯ ଡିଗ୍ରୀ ରେକର୍ଡ କରାଯାଛି । ସେପଟେ ଆଗାମୀ ୫ ଦିନ ଯାଏଁ ରାଜ୍ୟରେ ▶▶ପୃଷ୍ଠା ୭

## କେଜ୍ରିୱାଲଙ୍କ ପାଇଁ ମେଡିକାଲ ବୋର୍ଡ ଗଠିତ: ୫ ଜଣିଆ ଡାକ୍ତରୀ ଟିମ୍ କରିବେ ସ୍ୱାସ୍ଥ୍ୟ ପରୀକ୍ଷା



ନୂଆଦିଲ୍ଲୀ, ୨୬/୪ : ଅବକାରୀ ନୀତି ଘୋଟାଲା ମାମଲାରେ ଗିରଫ ହୋଇ ତିହାର ଜେଲ୍‌ରେ ଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା ନିମନ୍ତେ ଗଠିତ ହେଲା ଟିମ୍। ଏମସର ୫ ଜଣିଆ ଡାକ୍ତରୀ ଟିମ୍‌କୁ ନେଇ ଗଠିତ ହୋଇଛି ବୋର୍ଡ। ଡାକ୍ତର ନିଖିଳ ଟଣ୍ଡନ ଏହି ବୋର୍ଡର ମୁଖ୍ୟ ରହିବେ। ତିହାର ଜେଲ୍ ଡିଜିଙ୍କ ପତ୍ର ଅନୁଯାୟୀ ସେ ପୂର୍ବରୁ କେଜ୍ରିୱାଲଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ନିଯୁକ୍ତ ହୋଇଥିଲେ। ଏବେ ଗଠିତ ହୋଇଥିବା ନୂଆ ବୋର୍ଡରେ ସେ ମୁଖିଆ ଭାବେ କାମ କରିବେ। ତିହାର ଜେଲ୍ କର୍ତ୍ତୃପକ୍ଷ ପ୍ରତିଦିନ ମୁଖ୍ୟମନ୍ତ୍ରୀଙ୍କ ସର୍କରା ସ୍ତର ଯାଞ୍ଚ କରୁଛନ୍ତି। ଏଥିସହ ତାଙ୍କୁ ଘରୁ ଆସୁଥିବା ଖାଦ୍ୟ ହିଁ ଦିଆଯାଉଛି। ଏପର୍ଯ୍ୟନ୍ତ ମେଡିକାଲ ବୋର୍ଡ ସହ କେଜ୍ରିୱାଲଙ୍କ ମିଟିଂ ହୋଇ ନାହିଁ। ଖୁବ୍‌ଶୀଘ୍ର ମେଡିକାଲ ବୋର୍ଡ ଟିମ୍ ତିହାର ଜେଲ୍ ଯାଇ ▶▶ପୃଷ୍ଠା ୭

## ଗାଁକୁ ଆସିପାରିଲାନି ଆମ୍ବୁଲାନ୍ସ: ୨ କିଲୋମିଟର ଖଟିଆରେ ବୁହାହେଲେ ଗର୍ଭବତୀ



ଜିଲ୍ଲା ସୋରରୁ ଆସିଥିବା ଜନନୀ ଯନ୍ତ୍ରଣାର ଚିତ୍ର । ଗାଁକୁ ରାସ୍ତା ନଟିବାରୁ ଆସିପାରିଲାନି ଆମ୍ବୁଲାନ୍ସ । ଫଳରେ ଗର୍ଭବତୀ ୨ କିଲୋମିଟର ଖଟିଆରେ ବୋହି କି ନେବାକୁ ପଡ଼ିଛି । ▶▶ପୃଷ୍ଠା ୭

ସୋର, ୨୬/୪ (ନି.ପ୍ର): ମୋଦୀଙ୍କ ଗ୍ୟାରେଣ୍ଟି , ନବୀନଙ୍କ 'ମୋ ଓଡିଶା', କଂଗ୍ରେସର ନ୍ୟାୟ ଏସବୁ ମଞ୍ଚରୁ ନେତାଙ୍କ ଭାଷଣ କାନକୁ ଭଲ ଶୁଣାଯାଉଛି । ଏହାସହ ଏନେଇ ୩ ପ୍ରମୁଖ ଦଳର ବ୍ୟାନର ପୋଷ୍ଟର ବି ରାସ୍ତା ଘାଟ, ଗଳିକନ୍ଦି ଓ ସହର ବଜାରରେ ଚମକୁଛି । ହେଲେ କାନକୁ ଭଲ ଶୁଭୁଥିବା ଭାଷଣ ଓ ଆଖିକୁ ସୁନ୍ଦର ଦିଶୁଥିବା ଏସବୁ ବିଜ୍ଞାପନ ଉପରେ ବେଶ୍ ଭାରି ପଡିଛି ବାଲେଶ୍ୱର

## ଇଭିଏମ ଭୋଟକୁ ସୁପ୍ରିମକୋର୍ଟଙ୍କ ମୋହର: ଫେରିବନି ବାଲାଟ ବ୍ୟବସ୍ଥା



ନୂଆଦିଲ୍ଲୀ, ୨୬/୪ : ନିର୍ବାଚନରେ ବାଲାଟ ପେପର ବ୍ୟବସ୍ଥା ଫେରାଇ ଆଣିବାକୁ ହୋଇଥିବା ଆବେଦନ ଖାରଜ। ଆଜି ସର୍ବୋଚ୍ଚ ଅଦାଲତ ଏ ଉପରେ ଶୁଣାଣି କରି ଆବେଦନକୁ ଖାରଜ କରିବା ସହ ରଠଗ ଜରିଆରେ ହିଁ ଭୋଟିଂ ହେବ ବୋଲି କହିଛନ୍ତି। ଭୋଟର ଭେରିଫାଏବଲ୍ ପେପର ଅଡିଟ୍ ଟ୍ରାଏଲ୍ ସ୍ଲିପ୍ ସହିତ ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍ ବ୍ୟବହାର କରି ଦିଆଯାଇଥିବା ଭୋଟର ସମ୍ପୂର୍ଣ୍ଣ ଯାଞ୍ଚ ପାଇଁ ସୁପ୍ରିମକୋର୍ଟରେ ଏକାଧିକ ଆବେଦନ ହୋଇଥିଲା, ଯାହାକୁ ଆଜି ଖାରଜ କରି ଦେଇଛନ୍ତି ସୁପ୍ରିମକୋର୍ଟ। ଆସୋସିଏସନ ଫର ଡେମୋକ୍ରାଟିକ୍ ରିଫର୍ମସ୍, ଅକ୍ଷୟ ଭକଚାନ୍ଦ ଛାଜେଡ ଏବଂ ଅରୁଣ କୁମାର ଅଗ୍ରୱାଲଙ୍କ ଦ୍ୱାରା ଏହି ରିଟ୍ ପିଟିସନ ଦାଖଲ କରାଯାଇଥିଲା। ସର୍ବୋଚ୍ଚ ଅଦାଲତର ବିଚାରପତି ଜଷ୍ଟିସ ସଞ୍ଜୀବ ଖାନ୍ନା ଏବଂ ଦୀପଙ୍କର ଦତ୍ତଙ୍କୁ ନେଇ ଗଠିତ ଦୁଇ ଜଣିଆ ଖଣ୍ଡପୀଠ ଏହି ମାମଲା ଉପରେ ଶୁଣାଣି କରି ଆବେଦନକୁ ଖାରଜ କରି କହିଛନ୍ତି, ଇଭିଏମରେ ଦିଆଯାଉଥିବା ଭୋଟର ଶତ ପ୍ରତିଶତ ଯାଞ୍ଚ କରାଯାଇ ପାରିବ ନାହିଁ, ନିର୍ବାଚନରେ ବି ବାଲାଟ ପେପର ବ୍ୟବସ୍ଥାକୁ ପୁନଃ କାର୍ଯ୍ୟକାରୀ ହୋଇପାରିବ ନାହିଁ। କିନ୍ତୁ ଖଣ୍ଡପୀଠ ନିର୍ବାଚନ ଆୟୋଗଙ୍କୁ ଦୁଇଟି ନିର୍ଦ୍ଦେଶ ଦେଇଛନ୍ତି। ଖଣ୍ଡପୀଠଙ୍କ ନିର୍ଦ୍ଦେଶ ଅନୁସାରେ, ଇଭିଏମରେ ଚିହ୍ନ ଲୋଡିଂ ପ୍ରକ୍ରିୟା ସମାପ୍ତ ହେବା ପରେ ସିମ୍ବଲ ଲୋଡିଂ ▶▶ପୃଷ୍ଠା ୭

## ମନ୍ତ୍ରୀ ଟୁକୁନି ସାହୁ ଅଟକାଇଦେଲେ କି ପଦ୍ମପୁରକୁ ଜିଲ୍ଲା ମାନ୍ୟତା ?



ଟିଟିଲାଗଡ଼, ୨୬/୦୪ : ଅବସର ଥିଲା ବରିଷ୍ଠ ନାଗରିକ ସମ୍ବର୍ଦ୍ଧନା ସଭା । ହେଲେ ସେହି ମଞ୍ଚ ଉପରେ ସତ ଓଗାଳିଦେଲେ ମନ୍ତ୍ରୀ ଟୁକୁନି ସାହୁ । ସେ କହିଛନ୍ତି, ପଦ୍ମପୁର ଜିଲ୍ଲା ହୋଇଥିଲେ, ମୁଁ ଆଗ ଇସ୍ତଫା ଦେଇଥାନ୍ତି । ଯିଏ କହୁଛନ୍ତି ଟୁକୁନି ସାହୁ ଜିଲ୍ଲା କରିପାରିଲେନି, ତାଙ୍କୁ କହିବି, ଜିଲ୍ଲା ଯଦି ଓଡ଼ିଶାରେ ହୋଇଥାନ୍ତା ମୁଁ ପ୍ରଥମେ ଇସ୍ତଫା ଦେଇଥାନ୍ତି । ଯଦି ପଦ୍ମପୁର ଜିଲ୍ଲା ହେବ, ଟିଟିଲାଗଡ଼ ହେବନି, ମୁଁ ସିଧା ମୁଖ୍ୟମନ୍ତ୍ରୀଙ୍କୁ ଭେଟି ମୋ ଇସ୍ତଫା ପତ୍ର ଦେଇଦେଇଥାନ୍ତି । କିନ୍ତୁ ମୁଖ୍ୟମନ୍ତ୍ରୀ ସେଭଳି କରିବାକୁ ଦେଲେନି ବୋଲି ସଫା ସଫା କହୁଛନ୍ତି ମନ୍ତ୍ରୀ ଟୁକୁନି ସାହୁ । ଟୁକୁନି ସାହୁଙ୍କ ଏଭଳି ମନ୍ତବ୍ୟର ଭିଡ଼ିଓ ଭାଇରାଲ୍ ହେବା ପରେ ପଦ୍ମପୁରକୁ ଜିଲ୍ଲା ମାନ୍ୟତା ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଏବଂ ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତିକୁ ନେଇ ପ୍ରଶ୍ନ ଉଠିଛି ।

# କନ୍ଧମାଳ ଜିଲ୍ଲା ବାଲନ୍ଦାପଡ଼ାଠାରେ ବିଶ୍ୱ ମ୍ୟାଲେରିଆ ଦିବସ-୨୦୨୪ ପାଳିତ

କନ୍ଧମାଳ, ୨୫/୪ (ନି.ପ୍ର): ସାରା ବିଶ୍ୱରେ ମ୍ୟାଲେରିଆ ସଂକ୍ରମଣ ଏକ ସାଧାରଣ ସମସ୍ୟା ହୋଇ ରହିଥିବାବେଳେ କନ୍ଧମାଳା ଜିଲ୍ଲା ପାହାଡ଼ ଜଙ୍ଗଲ ଘେରା ଅଂଚଳ ସମେତ ଜନ ସାଧାରଣଙ୍କ ନିକଟରେ ସଚେତନତା ଅପହଂଚ ହୋଇଥିବାରୁ ମ୍ୟାଲେରିଆ ସଂକ୍ରମଣ ମଧ୍ୟ ଏକ ସ୍ୱାସ୍ଥ୍ୟ ସମସ୍ୟା ରୂପେ ଠିଆହୋଇଛି। ସରକାରଙ୍କ ତରଫରୁ ଏହାର ନିୟନ୍ତ୍ରଣ ନିମନ୍ତେ ଯଥା ସମ୍ଭବ ଚେଷ୍ଟା ଜାରିରହିଛି। ଏହି ପରିପ୍ରେକ୍ଷୀରେ ପ୍ରତିବର୍ଷ ଏପ୍ରିଲ ୨୫ ତାରିଖକୁ ବିଶ୍ୱ ମ୍ୟାଲେରିଆ ଦିବସ ଭାବେ ପାଳନ କରାଯାଉଛି। କନ୍ଧମାଳ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ ଜିଲ୍ଲା ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ ପ୍ରକଳ୍ପଙ୍କ ମିଳିତ ସହଯୋଗରେ ଫିରିଙ୍ଗିଆ ବ୍ଲକର ବାଲନ୍ଦାପଡ଼ା ଠାରେ ଏହି ଦିବସକୁ ପାଳନ କରିବାକୁ ଯାଇ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଜିଲ୍ଲା ତରଫରୁ କୁମୁଦଚନ୍ଦ୍ର ସାହୁ ଓ ବ୍ଲକ ତରଫରୁ ସନତ କୁମାର ମୋହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଯିତ ଏହି କାର୍ଯ୍ୟକ୍ରମରେ ଯଥାସମ୍ଭବ ସ୍କ୍ରିନିଂ କରି ପଜିଟିଭ୍ ଚିହ୍ନଟ ବ୍ୟକ୍ତିମାନଙ୍କୁ ଚିକିତ୍ସା କରିବା ସହ ମଶାରୀ ବ୍ୟବହାର ପାଇଁ ବାଲନ୍ଦାପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସା ଅଧିକାରୀ ଡାକ୍ତର ରାକେଶ କୁମାର ବିଶ୍ୱାଳ ଆହ୍ୱାନ ଦେଇଥିଲେ। ସେହିପରି ସୁପରଭାଇଜର ଗୋପାଳକୃଷ୍ଣ ଡାକୁଆ ଉପସ୍ଥିତ ରହି ଆଜିର ଏହି ମହତ୍ୱପୂର୍ଣ୍ଣ ଦିବସରେ ସମସ୍ତଙ୍କୁ ମଶାରୀ ବ୍ୟବହାର କରିବା ସହ ଜ୍ୱର ଆସିବାକ୍ଷଣି ସ୍ଥାନୀୟ ଆଶାଙ୍କ ନିକଟକୁ ଯାଇ ରକ୍ତପରୀକ୍ଷା କରି ସଠିକ ମାତ୍ରାର ଔଷଧ ସେବନ କରିବାକୁ ଅନୁରୋଧ କରିଥିଲେ। ପ୍ରତିମା ସାହୁ, ସନ୍ତୋଷିନୀ କହଁର, ମନୋଜ କୁମାର ମଲ୍ଲିକ, ଦେବିକା ଦାଶ, ଡାଇନା ନାୟକ ଓ ଇତିଶ୍ରୀ ସାହାଣି ପ୍ରମୁଖ ଆଗଧାଡ଼ିର ସ୍ୱାସ୍ଥ୍ୟ କର୍ମୀମାନେ ଯୋଗଦେଇ ମ୍ୟାଲେରିଆ ହଟାଇବା ପାଇଁ ପରିଚାଳିତ ହେଉଥିବା ଦମନ କାର୍ଯ୍ୟକ୍ରମରେ ଆବାଳ ବୃଦ୍ଧବନିତାମାନେ ଉପସ୍ଥିତ ରହି ନିଜର ପରୀକ୍ଷାକରି ମ୍ୟାଲେରିଆ ପରି ଦୁସାଧ ସଂକ୍ରମଣରୁ ଦୂରେଇ ରହିବାକୁ ଅନୁରୋଧ କରିଥିଲେ। ଏଥିସହ ଭଲ୍ୟୁଂଟରମାନେ ଆଶା ଓ ଏ.ଏନ୍.ଏମ୍.ଙ୍କ ସହମତିରେ ସଠିକ୍ ପ୍ଲାନିଂ କରି ଜନସାଧାରଣଙ୍କ ପାଖରେ ମିଳିତ ଭାବରେ ପହଂଚି ପାରିଲେ ମାସ୍ ସ୍କ୍ରିନଂ ସହ ସଂକ୍ରମଣକୁ ମଧ୍ୟ ଚେକ୍ ଦେଇହେବ ବୋଲି ଅନୁଷ୍ଠାନର ସଂପାଦକ ହରିଶଙ୍କର ରାଉତ କହିଥିଲେ। ଅନୁଷ୍ଠାନ ତରଫରୁ ବିଶ୍ୱରଞ୍ଜନ କରଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ମା ଗୃହ ଓ ପ୍ରାକଦିପ ପ୍ରକଳ୍ପ ତରଫରୁ ପୁଷ୍ପିତା ସାହୁ, ସାମନ୍ତି ଦିଗାଲ, ପ୍ରିୟଦର୍ଶନି ପ୍ରଧାନ, ଚଂଚଳା କହଁର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଲୁହାପଥର ଗୁଣ୍ଡ ବଦଳରେ ଖଣ୍ଡ ପରିବହନ: ଖଣି ବିଭାଗ ଦ୍ୱାରା ୮ ଟ୍ରକ୍ ଜବତ

ଯୋଡ଼ା, ୨୫/୪ (ନି.ପ୍ର): କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣି ମଣ୍ଡଳରେ ଲୁହାପଥର ପରିବହନ ବେଳେ ଗ୍ରେଡ୍ ହେରଫେର ଥମିବାର ନାଁ ଧରୁନି। ବିଭିନ୍ନ ଖଣିରୁ ଲୁହାପଥର ଗୁଣ୍ଡ ବଦଳରେ ଖଣ୍ଡ (ଲମ୍ପସ) ପରିବହନ କରାଯାଉଥିବାରୁ ସରକାର ବ୍ୟାପକ ରାଜସ୍ୱ ହରାଉଛନ୍ତି। ପ୍ରଥମେ ଜୁରୁଡ଼ି ଲୁହାପଥର ଖଣି, ଏହାପରେ ରୋଇଡ଼ାଠାରେ ଥିବା ଓଏମ୍‌ଡିସି ଖଣି ପରେ ଏବେ ଓଏମ୍‌ସି ଖଣ୍ଡବନ୍ଧ ଖଣିରୁ ମଧ୍ୟ ତଞ୍ଚକତା କରାଯାଇ ବେଆଇନ ଭାବେ ଲୁହାପଥର ଗୁଣ୍ଡ ବଦଳରେ ଲମ୍ପସ ପରିବହନ କରାଯାଉଥିବା ସାମ୍ନାକୁ ଆସିଛି। ଗତକାଲି ବିଳମ୍ବିତ ରାତିରେ ଖଣି ବିଭାଗ ୮ଟି ଟ୍ରକ୍‌କୁ ଜବତ କରି ତଦନ୍ତ ଚଳାଇଛି। ଗତକାଲି ବିଳମ୍ବିତ ରାତିରେ ଓଏମ୍‌ସି ଖଣ୍ଡବନ୍ଧ ଖଣିରୁ ୮ଟି ଟ୍ରକ୍‌ରେ ଲୁହାପଥର ବୋଝେଇ କରାଯାଇ ପଶ୍ଚିମବଙ୍ଗର କୋଲକାତା ନିକଟ ଧାନବାଦ ଫୁଏଲ୍ ନାମକ ସଂସ୍ଥାକୁ ପରିବହନ କରାଯାଉଥିଲା। ରାତି ପ୍ରାୟ ୨ଟା ସମୟରେ ନୟାଗଡ଼ ଓଜନକଣ୍ଟା ନିକଟରେ ଖଣି ବିଭାଗ ଅଧିକାରୀମାନେ ଟ୍ରକ୍‌ରେ ବୋଝେଇ ହୋଇଥିବା ଲୁହାପଥରର ମାନ ଯାଞ୍ଚ କରିଥିଲେ। ଲୁହାପଥର ଗୁଣ୍ଡ ପରିବହନ ପାଇଁ ଅନୁମତି ଥିବାବେଳେ ଟ୍ରକ୍‌ଗୁଡ଼ିକରେ ଲମ୍ପସ (ଖଣ୍ଡ) ବୋଝେଇ ହୋଇଥିବା ଦେଖିବାକୁ ମିଳିଥିଲା। ଖଣି ବିଭାଗ ଅଧିକାରୀମାନେ ଟ୍ରକ୍‌ଗୁଡ଼ିକୁ ଜବତ କରି ତଦନ୍ତ ଚଳାଇଛନ୍ତି।

ଖଣି ବିଭାଗ ସୂଚନା ଅନୁସାରେ, ଟନ୍ ପ୍ରତି ୩ ହଜାର ଟଙ୍କା ଥିବା ଗୁଣ୍ଡ ଲୁହାପଥର ପରିବହନ ପାଇଁ ଅନୁମତି ଥିଲା। ଟ୍ରକ୍‌ରେ ବୋଝେଇ ହୋଇଥିବା ଲୁହାପଥରର ମୂଲ୍ୟ ଟନ୍ ପ୍ରତି ୯ ହଜାର ଟଙ୍କା। ଅର୍ଥାତ୍ ଟନ୍ ପିଛା ୬ ହଜାର ଟଙ୍କାର ବ୍ୟବଧାନ ରହିଛି। ଜବତ ହୋଇଥିବା ସମସ୍ତ ଟ୍ରକ୍ ୧୬ ଚକିଆ। ଗୋଟିଏ ଗୋଟିଏ ଟ୍ରକ୍‌ରେ ୩୫ ଟନ୍ ଲେଖାଏଁ ଲୁହାପଥର ବୋଝେଇ ହୋଇଥିବା ଜଣାପଡ଼ିଛି। ଏହାକୁ ହିସାବକୁ ନେଲେ ୮ଟି ଟ୍ରକ୍‌ରେ ୨୮୦ ଟନ୍ ଲୁହାପଥର ବାବଦକୁ ପାଖାପାଖି ୧୬ ଲକ୍ଷ ୮୦ ହଜାର ଟଙ୍କା ହଡ଼ପ କରିବାକୁ ମସୁଧା କରାଯାଇଥିଲା।

ପୂର୍ବରୁ ଗ୍ରେଡ୍ ହେରଫେର ଅଭିଯୋଗରେ ଗତ ଜାନୁଆରିରେ ଜୁରୁଡ଼ି ଲୁହାପଥର ଖଣିରୁ ଧାମରା ବନ୍ଦରକୁ ପରିବହନ ହୋଇଥିବା ୪୦ରୁ ଊର୍ଦ୍ଧ୍ୱ ଟ୍ରକ୍‌କୁ ଏସ୍‌ଟିଏଫ୍ ଅଟକ ରଖିଥିଲା। ସେହିପରି ରୋଇଡ଼ାଠାରେ ଥିବା ଓଡ଼ିଶା ମାଇନିଂ ଡେଭଲପମେଣ୍ଟ କର୍ପୋରେସନ (ଓଏମ୍‌ଡିସି) ଖଣିର ଷ୍ଟାକ୍‌ରେ ବ୍ୟାପକ ହେରଫେର କରାଯାଇଥିଲା। ଷ୍ଟାକ୍‌ରେ ଉପରେ ଗୁଣ୍ଡ ଲୁହାପଥର ଏବଂ ଭିତରେ ଲୁହାପଥର ଖଣ୍ଡ (ଲମ୍ପସ) ଲୁଚାଇ ରଖାଯାଇଥିଲା। କମ୍ପାନି ଏଠାରୁ ଲୁହାପଥର ଗୁଣ୍ଡ ପରିବହନ ପାଇଁ ଅନୁମତି ପାଇଥିବା ବେଳେ ତଞ୍ଚକତା କରି ଲୁହାପଥର ଖଣ୍ଡ ପରିବହନ କରୁଥିବା ଅଭିଯୋଗ ହୋଇଥିଲା। ଖଣି ବିଭାଗ ଚଢ଼ଉ କରି ଖଣିରେ ଗଚ୍ଛିତ ଥିବା ୭ ହଜାର ମେଟ୍ରିକ୍ ଟନ୍ ଲୁହାପଥର ଖଣ୍ଡ ଜବତ କରିଥିଲା। ବର୍ତ୍ତମାନ ଓଏମ୍‌ସି ଖଣ୍ଡବନ୍ଧ ଖଣିରୁ ପରିବହନ ହୋଇଥିବା ଲୁହାପଥର ଗ୍ରେଡ୍‌ରେ ତଞ୍ଚକତା ହୋଇଥିବା ପଦାକୁ ଆସିଛି। ଲୁହାପଥର ଗ୍ରେଡ୍ ହେରଫେର ଏକ ସାଧାରଣ କଥାରେ ପରିଣତ ହୋଇଛି। ଏ ସମ୍ପର୍କରେ ଯୋଡ଼ା ଖଣି ଉପନିର୍ଦ୍ଦେଶକ ଦିନେଶ ଅଗ୍ରୱାଲଙ୍କୁ ପଚାରିବାରୁ, ବିଭାଗୀୟ ଅଧିକାରୀମାନେ ଲୁହାପଥର ବୋଝେଇ ଟ୍ରକ୍‌ଗୁଡ଼ିକୁ ଜବତ କରି ତଦନ୍ତ ଚଳାଇଛନ୍ତି। ତଦନ୍ତ ଏଯାଏ ଶେଷ ହୋଇନଥିବା ସେ କହିଛନ୍ତି।

# ପାନୀୟ ଜଳ ସମସ୍ୟାର ସମାଧାନ ଦାବିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

ଖୋର୍ଦ୍ଧା, ୨୫/୪ (ନି.ପ୍ର): ପାଣି ସମସ୍ୟାକୁ ନେଇ ଅଭିନବ ଢ଼ଙ୍ଗରେ ପ୍ରତିବାଦ ଜଣାଇଛନ୍ତି ଗୋଡା ଗ୍ରାମବାସୀ । ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ୍ ଦେଉଳି ପଂଚାୟତ ଅନ୍ତର୍ଗତ ଗୋଡା ଗ୍ରାମରେ ଦୀର୍ଘ ଦିନ ହେଲା ପାନୀୟ ଜଳ ସମସ୍ୟା ଲାଗି ରହିଛି । ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନଥିବାରୁ ଶେଷରେ ବାଧ ହୋଇ ପାଣି ସମସ୍ୟା ଜଣାଇବାକୁ ଗୁରୁବାର ଗରା, ବାଲଟି, ମାଠିଆ ହାତରେ ଧରି ୧୫ କି.ମି. ଚାଲି ଚାଲି ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି ଗ୍ରାମବାସୀ। ପ୍ରଶାସନ ତୁରନ୍ତ ସମସ୍ୟାର ସମାଧାନ ନକଲେ ଆଗାମୀ ଦିନରେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଆନ୍ଦୋଳନକାରୀ ମାନେ ଚେତାବନୀ ଦେଇଛନ୍ତି ।

# ଚା ଦୋକାନୀ ହତ୍ୟା ମାମଲା: ଅଭିଯୁକ୍ତ ଗିରଫ

ଜୟପୁର, ୨୫/୪ (ନି.ପ୍ର): ଜୟପୁର ମୁଖ୍ୟ ରାସ୍ତାର ଚା ଦୋକାନ କରିଥିବା ଦୋକାନି ତାମ୍ପି ଆୟାର ହତ୍ୟା ମାମଲାରେ ଜଣେ ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ବିସିଂପୁର ଥାନା ଅନ୍ତର୍ଗତ ରଣସପୁର ଗ୍ରାମର ସୁଦାମ ନାୟକ (୨୧) । ପୋଲିସ ସୁଚନା ଅନୁଯାଇ ଗତ ୨୩ ତାରିଖରେ ଜୟପୁର ଟାଉନ ଥାନାରେ ସାତ ଭଉଣି ମନ୍ଦିର ପଛ ପଟ ଜଗତ ଜନନୀ ଲାଇନରେ ରହୁଥିବା ତାମ୍ପି ଆୟାରଙ୍କ ଘର ତାଲା ପଡିଛି ଓ ଦୁଗନ୍ଧ ହୋଉଥିବା ସୁଚନା ପାଇଥିଲା । ସୁଚନା ଆଧାରରେ ଟାଉନ ପୋଲିସ ଓ ଏସଡିପିଓ ପହଂଚି ତାଲା ଭାଙ୍ଗିଥିଲେ । ସେହି ସମୟରେ ଚା ଦୋକାନି ତାମ୍ପି ମୃତ ଅବସ୍ଥାରେ ପଡିଥିଲେ । ପୋଲିସ ପ୍ରାଥମିକ ତଦନ୍ତରୁ ହତ୍ୟା ହୋଇଥିବା ଜାଣି ସିଇଂଟିଫିକ ଟିମ ଓ ସନ୍ଧାନି କୁକୁରୁ ତଦନ୍ତ କରିଥିଲେ । ପୋଲିସ ସିସି କ୍ୟାମେରା ଆଧାରରେ ଅଭିଯୁକ୍ତ ପାଖରେ ପହଂଚି ଗିରଫ କରିଥିଲା । ଅଭିଯୁକ୍ତ ସୁଦାମ ନାୟକ କୋଭିଡ ସମୟରେ ହଲିପଟାଲରେ ଜଗୁଆଳି ହିସାବରେ କାର୍ଯ୍ୟ କରୁଥିଲେ । ସେହି ହସପିଟାଲ ନିକଟରେ ତାମ୍ପି ଙ୍କ ଚା ଦୋକାନ ରହିଛି । ଦୁଇଜଣଙ୍କ ମଧ୍ୟ ବନ୍ଧୁତା ସୃଷ୍ଟି ହୋଇଥିଲା । ଏମିତିକି ଚା ଦୋକାନି ତାକୁ କିଛି ଟଙ୍କା ଦେବା ସହ ବାଇକ ମଧ୍ୟ କ୍ରୟ କରି ଦେଇଥିଲା । ଗତ ୨୦୨୩ ରେ ଅଭିଯୁକ୍ତ ଏକ ଚୋରି ମାମଲାରେ ଗିରଫ ହୋଇ ଜେଲ ଯାଇଥିଲେ । ସେହି ସମୟରେ ଚା ଦୋକାନି ଜେଲରୁ ବାହାର କରିବା ବହୁ ଟଙ୍କା ମଧ୍ୟ ଖର୍ଚ୍ଚ କରିଥିଲେ । ଅଭିଯୁକ୍ତ ଜେଲ ରୁ ବାହାରିବା ପରେ ଆଉ ଚା ଦୋକାନି ତାମ୍ପି ସହ ସମ୍ପର୍କ ରଖିନଥିଲେ ଅଭିଯୁକ୍ତ । ପରବର୍ତୀ ସମୟରେ ଚା ଦୋକାନିଙ୍କ ସହ କିଛି ଟଙ୍କା ପଇସା କୁ ନେଇ ବସଚା ହୋଇ ଥିଲା । ଚା ଦୋକାନି ତାମ୍ପି ତାକୁ ଗତ ୧୩ ତାରିଖରେ ଘରକୁ ଆସିବକୁ ଡାକିଥିଲେ । ଦୁଇ ଜଣ ମିଶି ସବୁ ସମାଧାନ କରିବାକୁ କହିଥିଲେ । ଏନେଇ ଅଭିଯୁକ୍ତ ୨୩ ତାରିଖ ରାତ୍ର ୧୨ ଟାରେ ତାମ୍ପି ଘରକୁ ଆସି କଥା ବାର୍ତା ହୋଇଥିଲେ । ଏଥିରେ ଉତ୍ୟକ୍ତ ହୋଇ ଅଭିଯୁକ୍ତ ଏକ ଛୁରିରେ ୩ ଥର ବେକ କାଟି ଥିଲେ । ଚା ଦୋକାନି ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା । ପରେ ଅଭିଯୁକ୍ତ ଶେଯରେ ଗୋଡାଇ ଛୁରି, କିଛି ଖୁଚୁରା ଟଙ୍କା ଧରି ତାଲା ପକାଇ ଚାଲିଆସିଥିଲେ । ସମସ୍ତ ଜିନିଷଙ୍କୁ କେନାଲ ନିକଟରେ ଫୋପାଡି ଦେଇଥିଲେ । ଏନେଇ ପୋଲିସ ତଦନ୍ତ ରେ ଜାଣି ଛୁରି , କିଛି ଟଙ୍କା, ଘରର ଚାବି କୁ ଜବତ କରିଛି । ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି । ମୃତ ତାମ୍ପିର ଘର ଲୋକ କେହି ନଥିବାରୁ ସ୍ଥାନୀୟ ଲୋକେ ଶବ ଦାହ କରିଥିଲେ । ପରିବାର ଙ୍କ ନିକଟରେ ପହଂଚିବା ପାଇଁ ପୋଲିସ ଉଦ୍ୟମ କରୁଛି । ଏନେଇ ଆଜି ଏସଡିପିଓଙ୍କ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନି କରି ଏସଡିପିଓ ଅଙ୍କିତ କୁମାର ବର୍ମା ସୂଚନା ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନିରେ ଟାଉନ ଥାନା ଅଧିକାରି ରମଣି ରଞ୍ଜନ ଦଳେଇ, ତଦନ୍ତ କରି ଅଧିକାରି ଏସଆଇ ସିଦ୍ଧାନ୍ତ ବେହେରା ଉପସ୍ଥିତ ଥିଲେ ।

# ଅଖିଳ ଭାରତୀୟ ୮୪ ଘର ଅଘରିଆ ସମାଜ ବଲାଙ୍ଗୀର ଜିଲ୍ଲାର ଜରୁରୀ ବୈଠକ

ବଲାଙ୍ଗୀର, ୨୫/୪ (ନି.ପ୍ର): ଆଜି ସକାଳ ୯ ଘଂଟା ସମୟରେ ଅଖିଳ ଭାରତୀୟ ୮୪ ଘର ଅଘରିଆ ସମାଜ ବଲାଙ୍ଗୀର ଜିଲ୍ଲା ସଭାପତି ଶୁଭ୍ରାଂଶୁ ଶେଖର ପଟେଲଙ୍କ ଅଧକ୍ଷତାରେ କନ୍ଧପାଲିପଡ଼ା ସ୍ଥିତ ଅଘରିଆ ଭବନ ଠାରେ ଏକ ଜରୁରୀ ବୈଠକ ୪ ମଣ୍ଡଳ ସଭାପତି, ୧୮ଗୁଡ଼ି ସଭାପତି, ଉପଦେଷ୍ଟା ମଣ୍ଡଳୀ ସଭ୍ୟ, କେନ୍ଦ୍ର କମିଟି, ମହିଳା ମଂଚ, ଯୁବା ମଂଚ, କୃଷକ ମଂଚ, ନିର୍ମାଣ କମିଟି, ପୁସ୍ତକ କମିଟି ଓ ଶିକ୍ଷା କମିଟି ସହ ଶତାଧିକ କର୍ମକର୍ତାଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା। ଅଖିଳ ଭାରତୀୟ ୮୪ ଘର ଅଘରିଆ ସମାଜ ବଲାଙ୍ଗୀର ଜିଲ୍ଲା ଏକ ଶୃଙ୍ଖଳିତ ସମାଜ। ସମାଜର ଶିକ୍ଷା, ସ୍ୱାସ୍ଥ୍ୟ, କୃଷିର ଉନ୍ନତି ଓ ସମାଜର ସଂସ୍କୃତି, ପରମ୍ପରା ତଥା ସମାଜର ଏକତା ରକ୍ଷା ପାଇଁ କାର୍ଯ୍ୟ କରୁଅଛି। ସମାଜର ଏକତା, ସଂସ୍କୃତି, ପରମ୍ପରା, ଭାଇଚାରା ବଜାୟ ରଖିବା ପାଇଁ ଅଖିଳ ଭାରତୀୟ ୮୪ ଘର ଅଘରିଆ ସମାଜ ବଲାଙ୍ଗୀର ଜିଲ୍ଲା ଆଗାମୀ ବିଧାନସଭା ଓ ଲୋକସଭା ନିର୍ବାଚନରେ କୌଣସି ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳକୁ ସମର୍ଥନ କରୁନାହିଁ। ସମାଜର ସମସ୍ତ ବ୍ୟକ୍ତି ସ୍ୱାଧୀନ ଭାବେ ନିଜ ନିଜ ପସନ୍ଦର ରାଜନୈତିକ ଦଳର ପ୍ରାର୍ଥୀଙ୍କୁ ମତ ସାବ୍ୟସ୍ତ କରିପାରିବେ। କୌଣସି ନିର୍ଦ୍ଦିଷ୍ଟ ରାଜନୈତିକ ଦଳକୁ ନେଇ ସମାଜର କୌଣସି ବ୍ୟକ୍ତି ସମାଜର ନାମରେ ସଭା ଆୟୋଜନ କରିପାରିବେ ନାହିଁ ବୋଲି ବୈଠକରେ ସର୍ବସମ୍ମତି କ୍ରମେ ନିଷ୍ପତି ହୋଇଥିଲା।

# ତେଲ ସରିଗଲା: ୨୫ଯାତ୍ରୀଙ୍କ ସହ ମଝିନଈରେ ଭାସିଲା ଡଙ୍ଗା



ମହାକାଳପଡା, ୨୫/୪ (ନି.ପ୍ର): ମହାକାଳପଡ଼ା ବ୍ଲକ୍ ବରକନ୍ଧା ପଞ୍ଚାୟତ ଚଉମୁହାଣୀ ଫେରିଘାଟରେ ଆଜି ଅଭାବନୀୟ ଘଟଣା ଘଟିଛି। ଅପରାହ୍ନ ପ୍ରାୟ ୫ଟା ସମୟରେ ପାରାଦୀପ ପଟୁ ଯାତ୍ରୀମାନଙ୍କୁ ନେଇ ଫେରିଘାଟ ଡଙ୍ଗାଟି ବରକନ୍ଧା ପାର୍ଶ୍ୱକୁ ଆସୁଥିବା ବେଳେ ମହାନଦୀ ମଝିରେ ଇନ୍ଧନ ସରିଯାଇଥିଲା। ଫଳରେ ଡଙ୍ଗାଟି ମହାନଦୀର ସ୍ରୋତରେ ଭାସିବାକୁ ଲାଗିଥିଲା। ଏଥିରେ ମୋଟ ୨୫ ଜଣ ଯାତ୍ରୀଙ୍କ ସହିତ ୧୯ଟି ବାଇକ୍ ରହିଥିଲା। ପ୍ରାୟ ଅଧଘଣ୍ଟା ପରେ ଅନ୍ୟ ଏକ ମାଛଧରା ଡଙ୍ଗା ସହାୟତାରେ ଭାସିଯାଉଥିବା ଫେରିଘାଟ ଡଙ୍ଗାକୁ ଇନ୍ଧନ ଯୋଗାଇ ଦିଆଯାଇଥିଲା। ସୂଚନା ମୁତାବକ, ଗତ ମାର୍ଚ୍ଚ ମାସରୁ ଏହି ଫେରିଘାଟର ନିଲାମ ଅବଧି ଶେଷ ହୋଇଛି। ପଞ୍ଚାୟତ କିମ୍ବା ବ୍ଲକ୍ ପ୍ରଶାସନ ପକ୍ଷରୁ ଏହାର ନିଲାମ କରାଯାଇ ନାହିଁ। ଅପରପକ୍ଷେ ପୁରୁଣା ନିଲାମଧାରୀ ଜଣକ ପୂର୍ବବତ୍ ଏହି ଫେରିଘାଟରେ ଯାତ୍ରୀ ପରିବହନ କରୁଛନ୍ତି। ଏହି ନିଲାମଧାରୀଙ୍କ ଦାୟିତ୍ୱହୀନତା ଯୋଗୁଁ ଏଭଳି ଘଟଣା ଘଟିଲା ବୋଲି ଅଭିଯୋଗ ଉଠିଛି। ଏହାର ବିଧିବଦ୍ଧ ତଦନ୍ତ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ଘୋଷଣାରେ ସୀମିତ ସ୍ୱତନ୍ତ୍ର କାରାଗାର ମାନ୍ୟତା: ଭିତ୍ତିଭୂମିରେ ହୋଇନି ସୁଧାର




ଜୟପୁର: ଗତବର୍ଷ ଅଗଷ୍ଟ ୩ ତାରିଖରେ ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ କୋରାପୁଟ ଜିଲ୍ଲା ଜୟପୁର ଉପଖଣ୍ଡକାରାଗାରକୁ ସ୍ୱତନ୍ତ୍ର କାରାଗାର ମାନ୍ୟତା ପ୍ରଦାନ କରାଯାଇଥିଲା । ଏହି ଘୋଷଣା କେବଳ ଘୋଷଣାରେ ହିଁ ସୀମିତ ହୋଇ ରହିଯାଇଛି। ଘୋଷଣା ପରେ ନୂଆ କର୍ମଚାରୀ କିମ୍ବା ଅନୁସଙ୍ଗିକ ଭିତ୍ତିଭୂମିର ହୋଇନି ସୁଧାର। ସମ୍ମୁଖରେ ଲାଗିଥିବା ବୋର୍ଡରେ ପୂର୍ବରୁ ଜୟପୁର ଉପକାରାଗାର ରହିଥିବା ବେଳେ ଏବେ ମାନ୍ୟତା ପାଇବା ପରେ ନାଁ ପରିବର୍ତ୍ତନ ହୋଇ ଜୟପୁର ସ୍ୱତନ୍ତ୍ରକାରାଗାର ହୋଇଛି। କିନ୍ତୁ ନୂଆ ପଦବୀ ସୃଷ୍ଟି କରାଯାଇ ନିଯୁକ୍ତି ଦିଆଯାଇନି କି ଏହାର ଭିତ୍ତିଭୂମିର ବି ସୁଧାର ହୋଇପାରିନି। ସୂଚନାଯୋଗ୍ୟ, ଏଠାରେ ରହୁଥିବା ଅନ୍ତେବାସୀ ମାନଙ୍କୁ ମଧ୍ୟ ଜିଲ୍ଲାସ୍ତରୀୟ କାରାଗାରରେ ଯେଭଳି ବ୍ୟବସ୍ଥା ଅନୁଯାୟୀ ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରାଯିବା କଥା । ସେଭଳି ବିଚାରାଧୀନ କଏଦି ମାନଙ୍କୁ ଆତ୍ମ ନିର୍ଭରଶୀଳ ଓ ଏଠାରୁ ବାହାରିବା ପରେ ସମାଜର ମୁଖ୍ୟସ୍ରୋତରେ ନିଜକୁ ଭଲ ଭାବେ ସାମିଲ କରିବା ନିମନ୍ତେ ବିଭିନ୍ନ ଧନ୍ଦା ଓ ବୃତ୍ତିଗତ କାର୍ଯ୍ୟ ପାଇଁ ପ୍ରଶିକ୍ଷଣ ଦିଆଯିବା ଯେଉଁ ଯୋଜନା ରହିଛି ତାହା ଆରମ୍ଭ ହେବାର ୮ମାସ ପରେ ବି କାର୍ଯ୍ୟକାରୀ ହୋଇନି। ଜିଲ୍ଲାକାରାଗର ଭଳି ଏଠାରେ ମଧ୍ୟ ଜଣେ ଅଧିକ୍ଷକ, ସହକାରୀ ଜେଲର , କଲ୍ୟାଣ ବିଭାଗ ଅଧିକାରୀ, ସାଂସ୍କୃତିକ ଅଧିକାରୀ, ଆଇନ ପରାମର୍ଶ ଅଧିକାରୀ, ୨ ଜଣ ସବଆସିଷ୍ଟେଣ୍ଟ ଜେଲର, ଜଣେ ମୁଖ୍ୟ ୱାର୍ଡର, ୩ଜଣ ହାବିଲଦାର, ୧୦ ଜଣ ୱାର୍ଡର, ୨ ଜଣ ମହିଳା ୱାର୍ଡର ଏବଂ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଜେଲର ଆବଶ୍ୟକ ପଦବୀ ଗୁଡିକ ନିଯୁକ୍ତି କରାଯିବାକୁ ବିଜ୍ଞପ୍ତିରେ ଦର୍ଶାଯାଇଛି । ସେଭଳି କାରାଗାରର ୱାର୍ଡ ସଂଖ୍ୟା ବୃଦ୍ଧି କରିବା। ତେବେ ଜୟପୁର ସ୍ୱତନ୍ତ୍ର କାରଗାରରେ ଏବେ ପୁରୁଷ ମାନଙ୍କ ପାଇଁ ୧୧ ଟି ୱାର୍ଡ ଏବଂ ମହିଳା ପାଇଁ ୨ ୱାର୍ଡ ରହିଛି। ସେଭଳି ଆଜି ୩୩୨ ଜଣ ପୁରୁଷ ଏବଂ ୫ ଜଣ ମହିଳା ଅନ୍ତେବାସୀ ରହୁଛନ୍ତି । ଜଣେ ଅଧିକ୍ଷକ, ଜଣେ ସହକାରୀ ଜେଲର, ଜଣେ ହାବିଲଦାର, ୫ଜଣ ୱାର୍ଡର ରହିଥିବା ବେଳେ ବଳକା ସବୁ ପଦବୀ ଖାଲି ପଡ଼ିଛି। ଏହି ସ୍ଥିତିରେ ମାନ୍ୟତା ଅନୁଯାୟୀ ଏହି ସ୍ୱତନ୍ତ୍ର କାରାଗାର ସଂପୁର୍ଣ୍ଣ କାର୍ଯ୍ୟକାରୀ ହୋଇପାରିବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଛି।

# ଓଡ଼ିଶା ରାଜ୍ୟ ସୀମାର ସୁରକ୍ଷା ପାଇଁ ରାଜନୈତିକ ଦଳମାନେ ପ୍ରତିଶ୍ରୁତି ଦିଅନ୍ତୁ: ଉତ୍କଳ ସମ୍ମିଳନୀ

ଭୁବନେଶ୍ୱର, ୨୫/୪ (ନି.ପ୍ର): ଓଡିଶାର ସୀମାନ୍ତ ଅଂଚଳ ଅସୁରକ୍ଷିତ । ଆନ୍ଧ୍ର ପ୍ରଦେଶ ସହିତ କୋଟିଆ ଗ୍ରାମପୁଞ୍ଜ, ପୋଲାଭରମ ଓ ନାରାୟଣପାଟଣା ଭଳି ବହୁ ଅଞ୍ଚଳରେ ବିବାଦ ଲାଗି ରହିଛି । ଏକଡେ ଛତିଶଗଡ ସରକାର ସହିତ ମହାନଦୀ ପାଣି ସମସ୍ୟା ସମାଧାନ ହୋଇନଥିବା ବେଳେ ଓଡିଶାର ଜମିକୁ ତାଙ୍କ ରାଜ୍ୟର ଭୂମିହୀନ ମାନଙ୍କୁ ପ୍ରଦାନ କରୁଛି । ଅନ୍ୟ ପାଖରେ ପଶ୍ଚିମବଙ୍ଗ ସରକାର ସୀମାନ୍ତ ବାଲେଶ୍ୱର ଜିଲ୍ଲାର ଶଙ୍ଖମେଦି ଗ୍ରାମ, ଉଦୟପୁର ବେଳାଭୂମୀ ଓ ସାହାବାଜିପୁରରେ ଜବରଦଖଲ ଉଦ୍ୟମ କରୁଛି । ଝାଡଖଣ୍ଡ ସହିତ ମଧ୍ୟ ସୀମା ସମସ୍ୟା ଅଛି । ଏହି ଭଳି ୯୬ ଟି ସୀମାନ୍ତ ଗ୍ରାମ ସମସ୍ୟା ଘେରରେ ଅଛନ୍ତି । ରାଜ୍ୟ ସୀମା ସମସ୍ୟାର ସମାଧାନ ପାଇଁ ପ୍ରତ୍ୟେକ ରାଜନୈତିକ ଦଳ ନିଜ ନିଜ ନିର୍ବାଚନ ଇସ୍ତାହାରରେ ରଖିବା ସହିତ ଦୃଢ ପ୍ରତିଶ୍ରୁତି ଦେବାକୁ ଉତ୍କଳ ସମ୍ମିଳନୀ ଦାବି କରିଛି । ଜଣେ ବ୍ୟକ୍ତି ଓଡିଶା ଓ ଆନ୍ଧ୍ର ପ୍ରଦେଶ ଦୁଇଟି ସ୍ଥାନରେ କିପରି ଭୋଟ ଦେବେ ? ଓଡିଶା ଭୋଟରଙ୍କୁ ଆନ୍ଧ୍ର ପ୍ରଦେଶରେ ଭୋଟ ଦେବାକୁ ବାରଣ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ନିର୍ବାଚନ ଅଧିକାରୀମାନେ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଉତ୍କଳ ସମ୍ମିଳନୀ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ଉତ୍କଳ ସମ୍ମିଳନୀର ରାଜ୍ୟ ସଭାପତି ଅଧିବକ୍ତା ଅନନ୍ତ ପ୍ରସାଦ ଜେନା, ଉପ-ସଭାପତି ଡ. ସୁରେନ୍ଦ୍ର ମିଶ୍ର ଓ ସାଧାରଣ ସମ୍ପାଦକ ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ଦାବି କରିଛନ୍ତି । ସାମ୍ବାଦିକ ସମ୍ମିଳନୀରେ ସୁବ୍ରତ କୁମାର ମହାପାତ୍ର, ଶିବବ୍ରତ ମହାନ୍ତି, ଅକ୍ଷୟ କୁମାର ଜେଠୀ, ସୁରଜିତ ପରିଡା ଓ ସୁଧା ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ ।

# ଆଦିବାସୀ ଅଞ୍ଚଳରେ ଏବେବି ରହିଛି ଢ଼ିଙ୍କିର ଚାହିଦା

ଝରିଗାଁ, ୨୫/୪ (ନି.ପ୍ର): ଆଗ କାଳରେ ଲୋକମାନେ ଧାନରୁ ଚାଉଳ ବାହାର କରିବା ପାଇଁ ଢ଼ିଙ୍କିର ବହୁଳ ବ୍ୟବହାର କରୁଥିଲେ। ଆଧୁନିକ ଯୁଗରେ ବିଭିନ୍ନ ଯନ୍ତ୍ରପାତି ବାହାରିବା ଦ୍ୱାରା ବର୍ତ୍ତମାନ ଢ଼ିଙ୍କିର ଚାହିଦା କମି ଯାଇଛି। ତେବେ ଝରିଗାଁ ବ୍ଲକର କିଛି ଆଦିବାସୀ ଅଂଚଳରେ ଏବେ ମଧ୍ୟ ପାରମ୍ପରିକ ପଦ୍ଧତିରେ ଧାନରୁ ଚାଉଳ ବାହାର କରିବା ପାଇଁ ଢ଼ିଙ୍କିର ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ସେହିପରି ପୁରୁଣା ପଦ୍ଧତିକୁ ଆଧୁନିକ ଯୁଗରେ ଜୀବିତ କରି ରଖିଛନ୍ତି। ଆଗ କାଳରେ କିଛି ନିର୍ଦ୍ଦିଷ୍ଟ ଲୋକଙ୍କ ଘରେ ଢ଼ିଙ୍କି ରହୁଥିଲା। ଗ୍ରାମର ମହିଳାମାନେ ସେହି ଢ଼ିଙ୍କିରେ ଧାନରୁ ଚାଉଳ ବାହାର କରୁଥିଲେ। ବେଳେ ବେଳେ ଅନ୍ୟ ମହିଳାମାନେ ମଧ୍ୟ ସହଯୋଗ କରୁଥିଲେ। ଫଳରେ ନିଜ ନିଜ ମଧ୍ୟରେ ଆତ୍ମୀୟତା ରହୁଥିଲା। ଢ଼ିଙ୍କି ଦ୍ୱାରା ଧାନକୁ କୁଟିବା ପରେ ସେଥିରୁ ଚାଉଳ, ଖୁଦ ଏବଂ କୁଣ୍ଡାକୁ ଅଲଗା ଅଲଗା କରାଯାଉଥିଲା। ଢ଼ିଙ୍କି କୁଟା ଚାଉଳରେ ଅଧିକ ଭିଟାମିନ ରହିବା ସହ ସେହି ଚାଉଳର ଭାତ ଖାଇବା ପାଇଁ ସ୍ୱାଦିଷ୍ଟ ଲାଗେ ବୋଲି ମହିଳାମାନେ କହିଛନ୍ତି। ଖୁଦରେ ତିଆରି ପିଠା ମଧ୍ୟ ଅଧିକ ସ୍ୱାଦିଷ୍ଟ ଲାଗେ। ସେହିପରି ଢ଼ିଙ୍କିରେ ଧାନ କୁଟିବା ପରେ ଯେଉଁ କୁଣ୍ଡା ବାହାରେ ସେହି କୁଣ୍ଡା ଗାଈଗୋରୁ ମାନଙ୍କ ଉତ୍ତମ ଖାଦ୍ୟ ହୋଇଥାଏ ବୋଲି କହିଛନ୍ତି। ତେଣୁ ସମସ୍ତେ ଢେଙ୍କି କୁଟା ଚାଉଳ ବ୍ୟବହାର କରିବା ପାଇଁ ଉପଦେଶ ଦେଇଛନ୍ତି। କିନ୍ତୁ ବର୍ତ୍ତମାନ ଓଡ଼ିଶାର ଧାନ ପୋଡ଼ଶୀ ରାଜ୍ୟରେ ଯିବା ପରେ ସେଠାରେ ବିଭିନ୍ନ ଯନ୍ତ୍ରପାତି ଦ୍ୱାରା ଧାନରୁ ଚାଉଳ ବାହାର କରି ସେହି ଚାଉଳକୁ ପୁଲିସ କରି ଦେଇ ଅଧିକା ଦରରେ ଓଡ଼ିଶାରେ ବିକ୍ରି କରୁଛନ୍ତି। ସେହି ଚାଉଳର ଭାତରେ ଭିଟାମିନ ଅଧିକ ନଥିବା ବେଳେ ବାଧ ହୋଇ ଲୋକ ମାନେ ଚାଉଳ କିଣୁଛନ୍ତି।


# ଜେଲ୍‌ରେ ଅଧିକ କଏଦୀ ପ୍ରସଙ୍ଗ: ହାଇକୋର୍ଟଙ୍କ ଉଦ୍‌ବେଗ, ଜବାବ ତଲବ



କଟକ, ୨୫/୪ (ନି.ପ୍ର): ରାଜ୍ୟର କେତେକ ଜେଲରେ ନିର୍ଦ୍ଧାରିତ ସଂଖ୍ୟା ଠାରୁ ଅଧିକ ବନ୍ଦୀ ରହିବା ପ୍ରସଂଗକୁ ନେଇ ହାଇକୋର୍ଟ ଉଦବେଗ ପ୍ରକାଶ କରିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଆଜି ଜେଲ ସଂସ୍କାର ସଂପର୍କିତ ମାମଲାର ଶୁଣାଣି ସମୟରେ ଯାଜପୁର ଓ ଭଦ୍ରକ ଜେଲରେ ଧାର୍ଯ୍ୟ କ୍ଷମତା ଠାରୁ ଅଧିକ ବନ୍ଦୀ ରହିଥିବା ଜଣାପଡିଥିଲା। ବିଭିନ୍ନ ସମୟରେ ନିର୍ଦ୍ଧାରିତ ସଂଖ୍ୟା ଠାରୁ ଅଧିକ ବନ୍ଦୀ ରହିବା ସମସ୍ୟା ଦୂର ପାଇଁ କେତେକଙ୍କୁ ନିକଟବର୍ତ୍ତୀ ଜେଲକୁ ସ୍ଥାନାନ୍ତର ପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିଲା। କିନ୍ତୁ ଏହାପରେ ବି ଯାଜପୁର ଓ ଭଦ୍ରକ ଜେଲରେ ଧାର୍ଯ୍ୟ କ୍ଷମତା ଠାରୁ ଅଧିକ ବନ୍ଦୀଙ୍କୁ ରଖାଯିବା ସମସ୍ୟା ଜାରି ରହିଛି। ୧୮୦ ଅନ୍ତେବାସୀ କ୍ଷମତା ବିଶିଷ୍ଟ ନୂତନ ୱାର୍ଡ ଭଦ୍ରକ ଜେଲରେ ନିର୍ମାଣ ହୋଇଥିବା ନେଇ ହାଇକୋର୍ଟଙ୍କୁ ଆଜି ସରକାରଙ୍କ ତରଫରୁ ଅବଗତ କରାଯାଇଥିଲା। ତେବେ ଏହି ନୂଆ ୱାର୍ଡକୁ ବନ୍ଦୀଙ୍କୁ ସ୍ଥାନାନ୍ତର କରାଯାଇଛି କି ନାହିଁ ତାହା ସ୍ପଷ୍ଟ ହୋଇ ନଥିଲା। ଏହି ପ୍ରସଂଗରେ ଜବାବ ରଖିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତାକାଲି ମାମଲାର ପରବର୍ତ୍ତୀ ଶୁଣାଣି ହେବ। ହାଇକୋର୍ଟ କୃଷ୍ଣପ୍ରସାଦ ସାହୁଙ୍କ ଆବେଦନର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ଆମିକସ କ୍ୟୁରି ବରିଷ୍ଠ ଆଇନଜୀବୀ ଗୌତମ ମିଶ୍ର ମାମଲା ପରିଚାଳନା କରୁଛନ୍ତି।

# ସୁସ୍ଥ ରହିବାକୁ ଚାହୁଁଥିଲେ...





ଏକ ଉତ୍ତମ ତଥା ସୁସ୍ଥ ଜୀବନଶୈଳୀ ନିମନ୍ତେ ଖାଦ୍ୟପାନୀୟ ସହିତ ଅନ୍ୟ କେତେକ ଦିଗ ପ୍ରତି ମଧ୍ୟ ସତର୍କ ରହିବା ଜରୁରୀ ବୋଲି ବିଶେଷଜ୍ଞଙ୍କ ମତ । ନିୟମିତ ଭାବେ ପ୍ରଥମେ ଘରେ ବ୍ୟାୟାମ, ପ୍ରାଣାୟମ, ଯୋଗ ଅଭ୍ୟାସ କରନ୍ତୁ । ଜିମ୍ ଯିବାକୁ ବେଳ ନଥିଲେ ବ୍ୟତିବ୍ୟସ୍ତ ନ ହୋଇ ଦିନଚର୍ଯ୍ୟା ଆରମ୍ଭ କରନ୍ତୁ ।

ଆଲିକାଲି ୟୁ-ଟ୍ୟୁବ୍ ସହାୟତାରେ ଘରେ ରହି ମଧ୍ୟ ଏରୋବିକ୍ସ କରିପାରିବେ । ଓଜନ ନିୟନ୍ତ୍ରଣ ସହ ମେଦ ବୃଦ୍ଧି ନ ହେବା ନିମନ୍ତେ ଏହା ଏକ ଉତ୍ତମ ମାଧ୍ୟମ ଅଟେ ।

ଘର କାମ ନିଜେ କରନ୍ତୁ ଯେପରି ଓଳାଇବା, ପୋଛିବା, ସଫାସଫି କରିବା ଇତ୍ୟାଦି । ଏସବୁ ମଧ୍ୟ ଏକପ୍ରକାରର ବ୍ୟାୟାମ ଅଟେ । ପୂର୍ବେ ଲୋକେ ନିଜେ ଏସବୁ କାମ କରି ସୁସ୍ଥ ରହିବା ସହ ସେମାନଙ୍କର ଓଜନ ମଧ୍ୟ ବଢୁନଥିଲା । ଏବେ କିନ୍ତୁ ସବୁ କାମକୁ ଯନ୍ତ୍ର ଅଥବା ସେବାକାରୀ ସହାୟତାରେ କରି ଶରୀରକୁ ଆରାମ ଦେବା ସହ ଲୋକ ଅନ୍ୟନାନ୍ୟ ରୋଗକୁ ମଧ୍ୟ ନିମନ୍ତ୍ରଣ ଜଣାଉଛନ୍ତି ।

ସମୟ ଥିଲେ, ଘର ଆଖପାଖ ସ୍ଥାନରେ ପ୍ରତ୍ୟହ ସାଇକଲ ଚଳାଇବାର ଅଭ୍ୟାସ କରନ୍ତୁ । ବିଶେଷଜ୍ଞଙ୍କ ମତରେ ଶରୀର ପାଇଁ ଏହା ଏକ ଉତ୍କୃଷ୍ଟ ବ୍ୟାୟାମ । ନିୟମିତ ସକାଳ-ସନ୍ଧ୍ୟାରେ ୧୫-୨୦ ମିନିଟ ସାଇକେଲ ଚଳାନ୍ତୁ, ଫୂର୍ତ୍ତି ଲାଗିବ ।

ପ୍ରାରମ୍ଭିକ ପର୍ଯ୍ୟାୟରେ ଯୋଗ କରିବାକୁ କଷ୍ଟ ଲାଗେ, କିନ୍ତୁ ଦନି କେଇଟାର ଅଭ୍ୟାସ ପରେ ଏହା ମଧ୍ୟ ସୁନ୍ଦର ତଥା ସୁଠାମ ଶରୀର ଗଢ଼ିବାରେ ସହାୟକ ହୋଇଥାଏ ।




## ନୂଆ ଟ୍ରେଣ୍ଡ ଚକୋଲେଟ୍ ୱାକ୍ସ

ହାତ ଏବଂ ଗୋଡ଼ରୁ ରୁମ ସଫା କରିବା ପାଇଁ ୱାକ୍ସ କରିବାକୁ ଅନେକେ ପସନ୍ଦ କରୁଥିବା ବେଳେ ଏବେ ଏହି ଧାରାରେ ଆଗରେ ରହିଛି ଚକୋଲେଟ୍ ୱାକ୍ସ । ଯଦିଓ ନର୍ମାଲ୍ ୱାକ୍ସ ଠାରୁ ଏହା କରିବା ବ୍ୟୟ ସାପେକ୍ଷ, ତଥାପି ଏହାର ପ୍ରଭାବ ବେଶ୍ ଭଲ ରହୁଥିବାରୁ ଲୋକଙ୍କ ମଧ୍ୟରେ ଏଥିପ୍ରତି ରୁଚି ବଢ଼ିବାରେ ଲାଗିଛି । ଚକୋଲେଟ୍ ୱାକ୍ସରେ ଥିବା କୋକୋ କାରଣରୁ ତ୍ୱଚା ଅଧିକ ଚିକ୍କଣ ହୋଇଥାଏ । ଏଥିସହ ଶରୀରରେ ଥିବା ଡେଡ୍ ସବୁ ବାହାରି ଯାଇଥାଏ । ଚକୋଲେଟ୍ ୱାକ୍ସ ପରେ ସ୍କିନ୍ ଆହୁରି ସଫା ଏବଂ କୋମଳ ହୋଇଥାଏ । ସାଧାରଣତଃ ନର୍ମାଲ୍ ୱାକ୍ସ କରିବାର ଦିନେ ଦୁଇଦିନ ପରେ ପୁଣିଥରେ ଶରୀରରେ ହାଲ୍କା ରୁମ ଉଠିବା ଦେଖିବାକୁ ମିଳିଥାଏ । ମାତ୍ର ଏହି କ୍ଷେତ୍ରରେ ରୁମ ଦୀର୍ଘଦୀନ ପର୍ଯ୍ୟନ୍ତ ଉଠି ନଥାଏ । ତେଣୁ ଏବେ ବ୍ୟୟ ସାପେକ୍ଷ ସତ୍ତ୍ୱେ ଅନେକେ ଏଭଳି ୱାକ୍ସ ପ୍ରତି ଆଗ୍ରହ ଦେଖାଉଛନ୍ତି ।



## ଅଧିକ ପ୍ରୋଟିନ ସେବନ ନେଇଯିବ ଜୀବନ




ମଣିଷ ଶରୀରର ବିକାଶ ପାଇଁ ବିଭିନ୍ନ ପ୍ରକାରର ଭିଟାମିନ, ମିନେରାଲ, କ୍ୟାଲସିୟମ ଓ ପ୍ରୋଟିନର ଆବଶ୍ୟକତା ପଡ଼ିଥାଏ । ତେବେ ଆଜିକାଲିର ଯୁବପୀଢ଼ି ବିଶେଷ କରି ଜିମ ଯାଉଥିବା ବ୍ୟକ୍ତିମାନେ ନିଜର ସ୍ୱାସ୍ଥ୍ୟକୁ ବଳିଷ୍ଠ କରିବା ପାଇଁ ହାଇ ପ୍ରୋଟିନଯୁକ୍ତ ଖାଦ୍ୟ ସେବନ କରିଥାନ୍ତି । ତେବେ ଅତ୍ୟଧିକ ପ୍ରୋଟିନର ସେବନ ଆଜି ମଣିଷକୁ ବିପଦ ଆଡ଼କୁ ଟାଣି ନେଉଛି । ଏଥିପାଇଁ ଜଣେ ଅଷ୍ଟିଓପୋରୋସିସ ଭଳି ରୋଗରେ ସଂକ୍ରମିତ ହେବାର ଆଶଙ୍କା ଥିବା ଏକ ରିସର୍ଚ୍ଚରୁ ଜଣାପଡ଼ିଛି ।
ବିଶେଷଜ୍ଞଙ୍କ ମତରେ, ଅନେକ ଲୋକ ନିଜ ଶରୀରର ପୋଷକ ତତ୍ତ୍ୱ ଆବଶ୍ୟକତାକୁ ପୂରଣ କରିବା ପାଇଁ ଆନିମଲ ପ୍ରୋଟିନ ସେବନ କରିଥାନ୍ତି । ତେବେ ଏହି ପ୍ରୋଟିନ ଦ୍ୱାରା ଆମର ହାଡ଼ ଡ୍ୟାମେଜ ହେବାର ସମ୍ଭାବନା ରହିଥାଏ । ଶରୀର ପାଇଁ ଯେତିକି ପ୍ରୋଟିନ ଆବଶ୍ୟକ ସେତିକି ସେବନ କରିବା ଠିକ୍ ଅଛି । ମାତ୍ରାଧିକ ସେବନ କରିବା ଦ୍ୱାରା ଏହାର ପ୍ରଭାବ ଆମର ଶରୀର ଉପରେ ପଡ଼ିଥାଏ । ସାଧାରଣ ଭାବେ କହିବାକୁ ଗଲେ ମାଛ, ଚିକେଟ, ରେଡ ମିଟରୁ ହାଇ ପ୍ରୋଟିନ ମିଳିଥାଏ । ଲାଲ ମିଟ ଆମ ଶରୀର ପାଇଁ ବହୁତ କ୍ଷତିକର ଅଟେ । ଆମେ ଖାଉଥିବା ମାଂସରେ ଫସଫରସର ମାତ୍ରା ଅଧିକ ରହିଥିବା ବେଳେ ତାହା ହାଡ଼ ପାଇଁ ବହୁତ କ୍ଷତିକାରକ ହୋଇଥାଏ । ଆନିମଲ ପ୍ରୋଟିନ ରକ୍ତକୁ ଏସିଡିକ କରିଦେବା ସହ ହାଡ଼ରୁ କ୍ୟାଲସିୟମରୁ ବାହାର କରିଦେଇଥାଏ । ମାଂସ ଖାଉଥିବା ଲୋକଙ୍କ କ୍ଷେତ୍ରରେ ଅଷ୍ଟିଓପୋରୋସିସ ଓ ହାଡ଼ ଭାଙ୍ଗିବା ସମ୍ଭାବନା ଅଧିକ ରହିଥାଏ ।

# ଏହି ୩ଟି ଜିନିଷ ଉପରେ ଦିଅନ୍ତୁ ଧ୍ୟାନ: ସୁସ୍ଥ ରହିବା ସହ ଦେଖାଯିବେ ଉଜ୍ୱଳ

ଯେଉଁ ଜିନିଷ ଗୁଡ଼ିକ ଆପଣଙ୍କୁ ଉଜ୍ୱଳିତ କରିଥାଏ, ସେ ସବୁ ଆପଣଙ୍କ ପାଖରେ ହିଁ ରହିଛି । ମୁଖ୍ୟତଃ ୩ଟି ଜିନିଷ ଦ୍ୱାରା ଏହା ସମ୍ଭବ ହୋଇଥାଏ । ଜଣେ ଲୋକର ବ୍ୟକ୍ତିତ୍ୱ, ଭାବନା ଏବଂ କାମ କରିବାର ଦକ୍ଷତା ଅନ୍ୟମାନଙ୍କ ଆକର୍ଷଣ କରିଥାଏ । ଆମେ ଏଭଳି ସମାଜରେ ବାସକରୁ ଯେଉଁଠାରେ ଲୋକମାନେ ଶାରୀରିକ ରୂପ ପ୍ରତି ଅଧିକ ଗୁରୁତ୍ୱ ଦେଇଥାନ୍ତି । କିନ୍ତୁ ଏହା ମନେ ରଖିବା ଉଚିତ୍ ଯେ, ପ୍ରକୃତରେ ସୁନ୍ଦରତା ଆମ ଅନ୍ତ ଗୁଣ, ଯେପରିକି ସର୍ବଦା ଖୁସି ରହିବା, ଖାଦ୍ୟ ପାନୀୟରେ ଠିକ୍ ରଖିବା ସହ ଶୋଇବା ଏବଂ ଯୋଗ ତଥା ବ୍ୟାୟାମ କରିବା ଦ୍ୱାରା ମିଳିଥାଏ । ତେବେ ଆସନ୍ତୁ ଜାଣିବା ସେହି ୩ଟି ଜିନିଷ ବିଷୟରେ...



ସେନ୍ସ ଅଫ ହ୍ୟୁମର: ଆତ୍ମବିଶ୍ୱାସ ଏବଂ ସରଳତା ଆପଣଙ୍କ ଗୁଣ ଅଟେ, ଯାହା ଆପଣଙ୍କୁ ସମସ୍ତ ସ୍ଥାନରେ ଉଜ୍ୱଳିତ କରିଥାଏ । ହୃଦୟର ସହ ହସିବା ଏବଂ ଛୋଟ ଛୋଟ ଜିନିଷରେ ଖୁସି ରହିବା ଆବଶ୍ୟକ । ଏହା କରିବା ଦ୍ୱାରା ଆପଣଙ୍କ ଆଖ ପାଖରେ ସକରାତ୍ମକ ପରିବେଶ ସୃଷ୍ଟି କରିପାରିବେ ।

ସତ୍ୟ : ନିଜ ଭିତରେ ସତ୍ୟତା ରଖିବା, ଯାହାକି ଏହି ପ୍ରକୃତି ସମସ୍ତ ଲୋକଙ୍କୁ ଆକର୍ଷିତ କରିଥାଏ । ନିଜ ମଧ୍ୟରେ ଥିବା ବ୍ୟକ୍ତିତ୍ୱକୁ ପ୍ରକାଶ କରିବା ଉପରେ ଅଧିକ ଧ୍ୟାନ ଦେବା ଉଚିତ୍ ।

ସହାନୁଭୂତି : ଅନ୍ୟ ମାନଙ୍କ ପ୍ରତି ଦୟା ଓ ସହାନୁଭୂତି ଦେଖାଇବା ଏକ ଏମିତି ଗୁଣ ଯାହା ଉପରେ କେବେ ମଧ୍ୟ ଧ୍ୟାନ ଦିଅନ୍ତି ନାହିଁ ଧ୍ୟାନର ସହ ଶୁଣିବାର ଅଭ୍ୟାସ କରିବା ସହ, ପାଖରେ ଥିବା ଲୋକଙ୍କ ପ୍ରତି ଭାବପ୍ରବଣତା ପ୍ରଦାନ କରନ୍ତୁ ।

## ଖରାଦିନେ ବ୍ଲଡ଼ ପ୍ରେସରକୁ କମାଇବାକୁ ଚାହୁଁଛନ୍ତି କି ?: ତେବେ ଖାଆନ୍ତୁ ଏହି ଖାଦ୍ୟ

**ଆଜିକାଲି ଅଧିକାଂଶ ଲୋକ ରକ୍ତଚାପ ବା ବ୍ଲଡ଼ ପ୍ରେସର ରୋଗରେ ପୀଡ଼ିତ । ଉଚ୍ଚ ରକ୍ତଚାପ ଶରୀରର ରକ୍ତପ୍ରବାହ ଉପରେ କୁପ୍ରଭାବ ପକାଇଥାଏ । ଯେଉଁ ବ୍ୟକ୍ତିଙ୍କର ଏପରି ସମସ୍ୟା ରହିଛି, ସେମାନଙ୍କୁ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ରଖିବା ପାଇଁ ଡାକ୍ତରମାନେ ପରାମର୍ଶ ଦେଇଥାନ୍ତି । ବିଶେଷକରି ଖରାଦିନେ ରକ୍ତଚାପ ଥିବା ରୋଗୀଙ୍କ ଜୀବନ ପ୍ରତି ଅଧିକ ବିପଦ ରହିଥାଏ । ଏଥିରୁ ମୁକ୍ତି ପାଇବା ପାଇଁ ଏହି ଖାଦ୍ୟ ଖାଇବାକୁ ଡାକ୍ତର ପରାମର୍ଶ ଦେଇଥାନ୍ତି । ଆସନ୍ତୁ ଜାଣିବା ଏ ସମ୍ପର୍କରେ...**

ରକ୍ତଚାପ ଥିବା ରୋଗୀଙ୍କ ପାଇଁ ଜାମୁକୋଳି ବହୁ ଉପକାରୀ । ଏଥିରେ ଫ୍ଲାଭୋନଏଡ୍ର ପରିମାଣ ଅଧିକ ଥିବାରୁ ଏହା ହୃଦ୍‌ଜନିତ ସମସ୍ୟା ଦୂର କରିଥାଏ ।
ଖରାଦିନେ ପ୍ରାୟ ସମସ୍ତେ ତରଭୁଜ ଖାଇବାକୁ ଭଲ ପାଇଥାନ୍ତି । ଏହା ରକ୍ତଚାପ ନିୟନ୍ତ୍ରଣ ସହ ଧମନୀ ଓ ହୃତପିଣ୍ଡ ଉପରେ ପଡୁଥିବା ଚାପକୁ କମ୍ କରିଥାଏ ।
ଗରମ କ୍ଷୀରରେ ଅଧିକ ପରିମାଣରେ କ୍ୟାଲସିୟମ ଏବଂ ଭିଟାମିନ-'ଡି' ରହିଛି । ଏହା ଉଚ୍ଚ ରକ୍ତଚାପକୁ କମାଇଥାଏ । ନ୍ୟାସନାଲ ହେଲ୍‌ଥ ସର୍ଭେରୁ ଜାଣିବାକୁ ମିଳିଛି ଯେ, ପ୍ରତିଦିନ ଗୋଟେ ଗ୍ଲାସ ଗରମ କ୍ଷୀର ପିଇବା ଦ୍ୱାରା ରକ୍ତଚାପ କମିଯାଏ ।
ଖରାଦିନେ ଥଣ୍ଡା ଦହି ପିଅନ୍ତୁ । ଏହା ଦ୍ୱାରା ଶରୀରରେ ଜଳୀୟଅଂଶ ଠିକ୍ ରହିବା ସହ ରକ୍ତଚାପ ମଧ୍ୟ ନିୟନ୍ତ୍ରିତ ହୋଇଥାଏ ।



# ମିଠା ଖାଇବା ପରେ ପାଣି ପିଇବା ଭୟଙ୍କର: ପେଟରେ ବିଷକ୍ରିୟା ସୃଷ୍ଟି ହେବ, ବ୍ଲଡ ଶୁଗର ସ୍ତର ବୃଦ୍ଧି ପାଇବ-ରିସର୍ଚ୍ଚ



ଆମେ ଦୈନନ୍ଦିନ ଜୀବନରେ ଖାଦ୍ୟପେୟକୁ ନେଇ ଏପରି ଅନେକ ଭୁଲ୍ କରିଥାଉ । ମାତ୍ର ଏହି ଭୁଲର ପରିଣାମ ଯେ କେତେ ଭୟଙ୍କର ହୋଇଥାଏ, ତାହା ଆମକୁ ଜଣାନଥାଏ । କିଛି ଲୋକ ମିଠା ଖାଇବା ପରେ ଢକଢକ କରି ପାଣି ପିଇ ଯାଇଥାନ୍ତି । ତେବେ ଏହା ଏକ ଖରାପ ଅଭ୍ୟାସ । ଏହା ଶରୀରରେ ବିଷକ୍ରିୟା ସୃଷ୍ଟି କରିଥାଏ । ନିକଟରେ ଆମେରିକାର ସୁରୀନାମର ବୈଜ୍ଞାନିକମାନେ ଏ ନେଇ ଏକ ଆଶ୍ଚର୍ଯ୍ୟଜନକ ତଥ୍ୟ ପର୍ଦ୍ଦାଫାଶ କରିଛନ୍ତି । ପାଣି ସହିତ ମିଠା ଓ ବିନା ପାଣିରେ ମିଠା ଖାଉଥିବା ଲୋକଙ୍କ ବ୍ଲଡ ଶୁଗର ସ୍ତରକୁ ବିଶ୍ଳେଷଣ କରାଯାଇଥିଲା । ତେବେ ଯେଉଁ ଲୋକମାନେ ପାଣି ସହିତ ମିଠା ଖାଇଥିଲେ ସେମାନଙ୍କର ବ୍ଲଡ ଶୁଗର ସ୍ତର ଅଧିକ ରହିଥିଲା । ଏକ ରିସର୍ଚ୍ଚ ମୁତାବକ, ଆପଣ ଯେତେ ଅଧିକ ପାଣି ପିଇଥାନ୍ତି, ସେହି ଅନୁପାତରେ କମ୍ ଶୁଗର ଓ ସାଚୁରେଟେଡ ଫ୍ୟାଟରେ ଭରପୁର ଖାଦ୍ୟ ପଦାର୍ଥ ଖାଇଥାନ୍ତି । ମାତ୍ର ଏବେ ନୂଆ ରିପୋର୍ଟ ମୁତାବକ, ଖାଇବା ପରେ ପାଣି ପିଇବା ଦ୍ୱାରା ବ୍ଲଡ ଶୁଗର ଲେବଲ ଅତ୍ୟଧିକ ମାତ୍ରାରେ ବୃଦ୍ଧି ପାଇପାରେ । ଏଣ୍ଟୋନ ଡି କମ ବିଶ୍ୱବିଦ୍ୟାଳୟର ପକ୍ଷରୁ କରାଯାଇଥିବା ରିସର୍ଚ୍ଚରେ କେବଳ ମିଠାକୁ ସାମିଲ କରାଯାଇଥିଲା । ମାତ୍ର ଅନ୍ୟ ଖାଦ୍ୟ ପଦାର୍ଥ ଉପରେ ମଧ୍ୟ ଏହା ଲାଗୁ ହେବ ବୋଲି କୁହାଯାଇଛି । ଏଥିରେ ୩୫ ଜଣ ଲୋକଙ୍କ ରକ୍ତ ଶର୍କରାର ସ୍ତରକୁ ପରୀକ୍ଷା କରାଯାଇଥିଲା । ତେବେ ମିଠା ଖାଇବା ପରେ ପାଣି ପିଇଥିବା ଲୋକଙ୍କ ରକ୍ତରେ ଗ୍ଲୁକୋଜ ସ୍ତର ଅନ୍ୟ ଲୋକଙ୍କ ତୁଳନାରେ ଦୁଇଗୁଣ ଅଧିକ ଥିବା ଜଣାପଡ଼ିଥିଲା । ମିଠାରେ ରହିଥିବା ଗ୍ଲୁକୋଜ ପେଟ ଦ୍ୱାରା ଖାଲି ହେବା ପାଇଁ ଲାଗୁଥିବା ସମୟକୁ ଧୀମା କରିଦେଇଥାଏ । ଫଳରେ ତରଳ ପଦାର୍ଥ ଅନ୍ତ ପର୍ଯ୍ୟନ୍ତ ପହଞ୍ଚି ପାରିନଥାଏ । ତେଣୁ ଆପଣଙ୍କୁ ଶୋଷ ଲାଗିଥାଏ । ଯଦି ଆପଣ ପାଣି ପିଅନ୍ତି ତେବେ ଶୋଷ ମେଣ୍ଟି ନଥାଏ ।

## ସୁଖ୍ୟାତି ପାଇଁ ପୁରସ୍କୃତ ଗ୍ରାମ



ଛତିଶଗଡ଼ର ଯଶପୁର ଜିଲାର ଏକ ଛୋଟ ଗ୍ରାମ ହେଉଛି କନମୋରା । କିଛି ବର୍ଷ ତଳେ ପୂରା ରାଜ୍ୟରେ ଏହି ଗ୍ରାମ ନିଜ କୁଖ୍ୟାତି ପାଇଁ ଜଣାଯାଉଥିଲା । ଗ୍ରାମର ପ୍ରତ୍ୟେକ ବୟସର ପୁରୁଷ ନିଶାଗ୍ରସ୍ତ ରହି ବିଭିନ୍ନ ଅପରାଧକାଣ୍ଡମାନ କରୁଥିଲେ । ଏଇ କାରଣରୁ ନିୟମିତ ପୁଲିସ୍ ମଧ୍ୟ ଗାଁକୁ ଆସୁଥିଲା । ଏଭଳି ଦୃଶ୍ୟପଟ ୭ ବର୍ଷ ତଳେ ଥିଲା । ଏବେ କିନ୍ତୁ କନମୋରା ଗ୍ରାମ ନିଜ ସୁଖ୍ୟାତି ନିମନ୍ତେ ରାଜ୍ୟସ୍ତରରେ ପୁରସ୍କୃତ ହୋଇଛି । ଗ୍ରାମର ପ୍ରତ୍ୟେକ ଆରମ୍ଭ କରିଥିଲେ ସେଠାରେ ମହିଳାମାନେ । ଆରମ୍ଭ ସମୟରେ ସେମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଥିଲେ । କିନ୍ତୁ ନିଜ ଆନ୍ଦୋଳନରୁ ପଛଘୁଞ୍ଚା ଦେଇନଥିଲେ । ଗାଁର ଜନୈକ ମହିଳା ହେଉଛନ୍ତି ୬୪ ବର୍ଷୀୟା ନିରୁ ଲାକ୍ରା । ସ୍ୱାମୀ ତାଙ୍କର ଏଇ ନିଶା ସେବନ କରି ଅକାଳରେ ପ୍ରାଣ ହରାଇଥିଲେ । ଦୁଇ ପୁଅ ମଧ୍ୟ ଯୁବକବେଳୁ ପିଇବା ଆରମ୍ଭ କଲେ । ବୋହୂ ଦୁହେଁ ଯେତେ ବୁଝାଇଲେ ମଧ୍ୟ କିଛି ଫଳ ମିଳିନଥିଲା । ଶେଷରେ ମହିଳାଙ୍କ ଏହି ଅଭିଯାନରେ ସେମାନେ ସାମିଲ ହୋଇ ନିଜ ଘରୁ ନିଶାଦ୍ରବ୍ୟ ଫିଙ୍ଗିବା ସହ ନିଶାଦ୍ରବ୍ୟ ପ୍ରସ୍ତୁତି ସରଞ୍ଜାମକୁ ମଧ୍ୟ ଜାଳିପୋଡ଼ି ଦେଲେ । କିଛି ଦିନ ଏହି ଆନ୍ଦୋଳନ ଚାଲିଲା । ଶେଷରେ ଗାଁର ପୁରୁଷମାନେ ବୁଝିପାରିଥିଲେ ସେମାନଙ୍କ ସୁସ୍ୱାସ୍ଥ୍ୟ ପାଇଁ ହିଁ ଏଭଳି ପଦକ୍ଷେପ ନିଆଯାଉଛି । ଆଜିର ସମୟରେ ଗାଁର କୌଣସି ପୁରୁଷ ନିଶା ଦ୍ରବ୍ୟକୁ ସ୍ପର୍ଶ ମଧ୍ୟ କରୁନାହାନ୍ତି । ଏପରିକି ଗତ ୭ ବର୍ଷ ମଧ୍ୟରେ ଗାଁରେ କିମ୍ୱା ପାଖ ଗ୍ରାମରେ କୌଣସି ଚୋରୀ, ଡକାୟତି ମଧ୍ୟ ହୋଇନାହିଁ, ତେଣୁ ପୁଲିସ ଆସିବାର ଆବଶ୍ୟକତା ପଡ଼ିନାହିଁ ।

# ଜୁନ୍‌ରେ ଜନ୍ମ ହୋଇଥିବା ଲୋକମାନେ ହୋଇଥାନ୍ତି ବହୁତ ଭାଗ୍ୟବାନ: ଜାଣନ୍ତୁ ସେମାନଙ୍କର ସ୍ୱଭାବ

ଜୁନ୍ ହେଉଛି ଚଳିତ ବର୍ଷର ଷଷ୍ଠ ମାସ । ଏହି କାରଣରୁ ଆଜି ଆମେ ଜୁନରେ ଜନ୍ମ ହୋଇଥିବା ଲୋକମାନଙ୍କ ବିଷୟରେ କହିବାକୁ ଯାଉଛୁ, ସେମାନଙ୍କର ପ୍ରକୃତି ଏବଂ ବ୍ୟକ୍ତିତ୍ୱ କିପରି ? ଏହା ସହିତ ତାଙ୍କ କ୍ୟାରିଅର୍ ଜୀବନ କିପରି ଏବଂ ତାଙ୍କ ଭିତରେ କେଉଁ ଜିନିଷଗୁଡ଼ିକ ଖାସ୍ । ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, ଯେଉଁମାନେ ଜୁନ୍ ମାସରେ ଜନ୍ମ ହୁଅନ୍ତି, ସେମାନଙ୍କର ରାଶି ଚିହ୍ନ ମିଥୁନ କିମ୍ୱା କର୍କଟ ହୋଇଥାଏ ।
ସ୍ୱଭାବ : ଜ୍ୟୋତିଷ ଶାସ୍ତ୍ରରେ କୁହାଯାଇଛି ଯେ, ଯେଉଁମାନେ ଜୁନ୍ ମାସରେ ଜନ୍ମ ହୁଅନ୍ତି ସେମାନେ ସ୍ୱଭାବରେ ନମ୍ର ଏବଂ ଅନ୍ୟମାନଙ୍କୁ ସାହାଯ୍ୟ କରିବାକୁ ସର୍ବଦା ପ୍ରସ୍ତୁତ ଥାଆନ୍ତି । ଏହି ଲୋକମାନେ କାହାକୁ ସାହାଯ୍ୟ କରିବାକୁ ପଛଘୁଞ୍ଚା ଦିଅନ୍ତି ନାହିଁ । ଏହି କାରଣରୁ ଏହି ଲୋକମାନେ ଅନ୍ୟମାନଙ୍କ ମଧ୍ୟରେ ଏକ ଭିନ୍ନ ପରିଚୟ ସୃଷ୍ଟି କରନ୍ତି । ଏହି ଲୋକମାନେ ବହୁତ ସହଭାଗୀ ଏବଂ ସେମାନେ ଯେଉଁଆଡେ ଯାଆନ୍ତି, ଶୀଘ୍ର ଲୋକଙ୍କୁ ନିଜର କରନ୍ତି । ଏହି ଲୋକମାନେ କୌଣସି କାର୍ଯ୍ୟରେ ଜଲଦୀ ନିଷ୍ପତ୍ତି ନେବା ପସନ୍ଦ କରନ୍ତି ନାହିଁ ।
ମୁଡ୍ : ଜୁନ୍ ମାସରେ ଜନ୍ମ ହୋଇଥିବା ଲୋକମାନଙ୍କ ବିଷୟରେ କିଛି କହିହେବ ନାହିଁ । ଏହି ଲୋକମାନେ କିଛି ମିନିଟରେ କ୍ରୋଧିତ ହୁଅନ୍ତି ଏବଂ ଖୁସି ହୁଅନ୍ତି । ସେମାନଙ୍କର ମୁଡ୍ ଯେକୌଣସି ସମୟରେ ପରିବର୍ତ୍ତନ ହୁଏ । ଏହି ଲୋକମାନେ ବହୁତ କ୍ରୋଧ କରନ୍ତି, କିନ୍ତୁ ସେମାନେ ହୃଦୟ ଅତି ନିର୍ମଳ । ଏହି ଲୋକମାନେ ନିଜ ଭାବନାକୁ ସହଜରେ କାହା ସହିତ ବାଣ୍ଟନ୍ତି ନାହିଁ ।




ବୃତ୍ତି : ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, ଜୁନ୍ ମାସରେ ଜନ୍ମ ହୋଇଥିବା ଅଧିକାଂଶ ଲୋକ ଅଧିକାରୀ, ଶିକ୍ଷକ, ମ୍ୟାନେଜର, ସାମ୍ବାଦିକ ଏବଂ ଡାକ୍ତର ହୋଇଥାନ୍ତି । ଏହି ଲୋକମାନେ ନାଚିବା ଏବଂ ଗୀତ ଗାଇବାକୁ ବହୁତ ଭଲ ପାଆନ୍ତି । ଏହି ଲୋକମାନେ ଟିକେ ଜିଦଖୋର ଅଟନ୍ତି । ଏହି ଲୋକମାନେ କଳ୍ପନାରେ ହଜିଯାଇଛନ୍ତି ଏବଂ ଅସହାୟ ଲୋକଙ୍କୁ ସାହାଯ୍ୟ କରିବାକୁ ପ୍ରସ୍ତୁତ ରୁହନ୍ତି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ବିନା ଯୁଦ୍ଧେ....

ବର୍ତ୍ତମାନ ସୁଦ୍ଧା ଚଳିତ ଲୋକସଭା ନିର୍ବାଚନର ମାତ୍ର ଗୋଟିଏ ପର୍ଯ୍ୟାୟ ମତଦାନ ସରିଛି ; ଆହୁରି ଅନେକ ପର୍ଯ୍ୟାୟ ବାକି ଅଛି ଭୋଟରମାନେ ମତଦାନ କରିବାକୁ । ଏହା ସତ୍ତ୍ୱେ ଭାରତୀୟ ଜନତା ପାର୍ଟି (ବିଜେପି) ତା'ର ପ୍ରଥମ ଆସନରେ ବିଜୟ ଲାଭ କରି ସାରିଛି- ସୁରଟରେ ଯେଉଁଠି ଏହାର ଲୋକସଭା ପ୍ରାର୍ଥୀ ମୁକେଶ ଦଲାଲଙ୍କୁ ଏହି ଆସନରୁ ଅପ୍ରତିଦ୍ୱନ୍ଦୀ ପ୍ରାର୍ଥୀ ଭାବରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଘୋଷଣା କରାଯାଇ ସାରିଛି । ନିର୍ବାଚନ କମିଶନ ଏହି ଆସନ ପାଇଁ କଂଗ୍ରେସ ପ୍ରାର୍ଥୀ ନୀଲେଶ କୁମ୍ଭାନୀଙ୍କଦ୍ୱାରା ସରକାରୀ ଭାବେ ଦାଖଲ କରାଯାଇଥିବା ନାମାଙ୍କନ ପତ୍ର ଏବଂ ପରେ ପରେ ସେ ଦାଖଲ କରିଥିବା ବିକଳ୍ପ ନାମାଙ୍କନ ପତ୍ର, ଉଭୟଙ୍କୁ ଅମାନ୍ୟ ହୋଇଥିବା ଦେଖିବାକୁ ପାଇବା ପରେ ତାଙ୍କର ପ୍ରାର୍ଥୀତ୍ୱକୁ ଅସିଦ୍ଧ ଘୋଷଣା କରିଥିଲେ । ଏହାର ଠିକ୍ ପରେ ପରେ ଆଉ ଯେଉଁ ଆଠ ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଥିଲେ, ସେମାନେ ସେମାନଙ୍କର ପ୍ରାର୍ଥୀପତ୍ରମାନ ପ୍ରତ୍ୟାହାର କରି ନେଇଥିଲେ। ଏହି ପ୍ରାର୍ଥୀମାନେ କାହିଁକି ଏପରି କାମ କଲେ, ତାହା ଏ ପର୍ଯ୍ୟନ୍ତ ପୁଷ୍ଟ ହୋଇ ପାରି ନଥିବା ବେଳେ ସମଗ୍ର ଘଟଣାଟି, ଅର୍ଥାତ୍ କାହିଁକି ଏପରି ଘଟଣା ଘଟିଲା, ତାହା ସନ୍ଦେହମୁକ୍ତ ହୋଇ ପାରିନାହିଁ, ଯେଉଁଥିପାଇଁ ସୁରଟ ଲୋକସଭା ଆସନର ନିର୍ବାଚନ ବିବାଦାସ୍ପଦ ହୋଇ ପଡ଼ିଛି । ମଜାର କଥା ହେଉଛି, ଏହି ଆସନ ପାଇଁ ପ୍ରାର୍ଥୀ ଭାବରେ ଅବତୀର୍ଣ୍ଣ ହୋଇ ଶେଷ ପ୍ରାର୍ଥୀ ଭାବରେ ଯିଏ ନିଜର ନାମାଙ୍କନ ପତ୍ର ପ୍ରତ୍ୟାହାର କରି ନେଇଥିଲେ, ସେ ଜଣେ ସ୍ୱାଧୀନ ପ୍ରାର୍ଥୀ ଭାବରେ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇ ନଥିଲେ, ବରଂ ସେ ଥିଲେ ବହୁଜନ ସମାଜ ପାର୍ଟି (ବିଏସ୍‌ପି)ର ପ୍ରାର୍ଥୀ ପ୍ୟାରେଲାଲ୍ ଭାରତୀ । ଆଉ ଏ ସମସ୍ତ କାର୍ଯ୍ୟ ସୁରଟର ୧୬.୫୦ ଲକ୍ଷରୁ ଅଧିକ ସଂଖ୍ୟକ ଭୋଟରଙ୍କୁ ଗଣତନ୍ତ୍ରର ଏହି ମହାପର୍ବରେ ସାମିଲ ହୋଇ ସେମାନଙ୍କ ମତଦାନ କରିବାକୁ ଏକ ସୁଯୋଗ ପ୍ରଦାନରୁ ବଞ୍ଚିତ କରିଛି । ସୁରଟରେ ନିର୍ବାଚନର ଏପରି ଫଳାଫଳକୁ ଦେଖି ବିଜେପି ଉଲ୍ଲସିତ ହୋଇ ନିଜକୁ ନିଜେ ଅଭିନନ୍ଦନ ଜଣାଇଛି। ଦଳର ରାଜ୍ୟ ମୁଖ୍ୟ ସିଆର୍ ପାଟିଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସୁରଟ ପ୍ରଥମ ପଦ୍ମ ଅର୍ପଣ କରିଛି ବୋଲି ଟ୍ୱିଟରରେ ଉଲ୍ଲେଖ କରିଛନ୍ତି। ସଙ୍ଗେ ସଙ୍ଗେ ସେ ନିର୍ବିରୋଧରେ ନିର୍ବାଚିତ ହୋଇଥିବାରୁ ମୁକେଶଭାଇ ଦଲାଲ୍‌ଙ୍କୁ ମଧ୍ୟ ଅଜସ୍ର ବଧେଇ ଜଣାଇଛନ୍ତି। କିନ୍ତୁ କେହି ହେଲେ ସେଠାକାର ଭୋଟରମାନଙ୍କ ଅବସ୍ଥାକୁ ଚିନ୍ତାକୁ ନେଇ ନାହାନ୍ତି, ଯେଉଁମାନଙ୍କୁ ଆଙ୍ଗୁଠିରେ ଏଥର ଆଦୌ କାଳି ଲାଗିବ ନାହିଁ । ସୂଚାଇ ଦିଆଯାଇପାରେ କି, ଗୁଜରାଟର ଅବଶିଷ୍ଟ ଅଂଶ ତୃତୀୟ ପର୍ଯ୍ୟାୟରେ ନିର୍ବାଚନକୁ ସାମ୍ନା କରିବାକୁ ଯାଉଛି । ସୁରଟ ଘଟଣାକୁ ସମ୍ପୂର୍ଣ୍ଣ ଭାବରେ ଏକ କଳା ହଂସ ବ୍ୟାପାର ବୋଲି କ୍ୱଚିତ୍ କୁହାଯାଇ ପାରିବ। ବରଂ ଏହାକୁ ଆଜିକା ସମୟରେ ଏକ ଦୁର୍ଲଭ ଘଟଣା ବୋଲି କୁହାଯାଇପାରେ, ଯେହେତୁ ଅନ୍ୟାନ୍ୟ ନିର୍ବାଚନଗୁଡ଼ିକ କ୍ଷେତ୍ରରେ କିଛି ପ୍ରାର୍ଥୀ ନିର୍ଦ୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ସମସ୍ତେ ଶୁଣିଛନ୍ତି । ଇତିହାସକୁ ଅବଲୋକନ କଲେ ଜଣାପଡ଼େ ଯେ ଦେଶ ସ୍ୱାଧୀନତା ଲାଭ କରିବା ପରେ ୧୯୫୦ ଦଶକରେ ଯେତେବେଳେ କି ଭାରତୀୟ ଗଣତନ୍ତ୍ର ତା'ର ପ୍ରଥମ ପର୍ଯ୍ୟାୟରେ ପ୍ରବେଶ କରିଥିଲା, ସେତେବେଳେ ୨୩ଟି ଆସନ ମଧ୍ୟରୁ ୧୦ ଜଣ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ତା' ସତ୍ତ୍ୱେ କୁହାଯାଇପାରେ ଯେ ଭାରତର ସାମ୍ପ୍ରତିକ ସମୟର ଇତିହାସରେ ପ୍ରଥମ ଥର ପାଇଁ ବିଜେପିର ଜଣେ ନେତା ନିରେ ସଂସଦର ନିମ୍ନ ସଦନକୁ ନିର୍ବାଚିତ ହୋଇଛନ୍ତି। ଅଳ୍ପ କିଛି ସପ୍ତାହ ପୂର୍ବେ ଅରୁଣାଚଳ ପ୍ରଦେଶ ବିଧାନସଭା ନିର୍ବାଚନରେ ମଧ୍ୟ ବିଜେପି ବିନା ପ୍ରତିଦ୍ୱନ୍ଦିତାରେ ୧୦ଟି ବିଧାନସଭା ଆସନରେ ବିଜୟୀ ହୋଇଥିଲା। ମାର୍ଚ୍ଚ ୩୦ ତାରିଖରେ ଏକଥା ଜଣା ପଡ଼ିଥିଲା, ଯେତେବେଳେ ନିର୍ବାଚନ କମିଶନ ଏହା ଘୋଷଣା କରିଥିଲେ। ମଜାର କଥା ହେଉଛି, ଏହି ରାଜ୍ୟରେ ଗୋଟିଏ ଦଶନ୍ଧି ପୂର୍ବରୁ କଂଗ୍ରେସ ଦଳର ୧୧ ଜଣ ପ୍ରାର୍ଥୀ ବିନା କୌଣସି ନିର୍ବାଚନରେ ବିଧାନସଭା ଆସନ ପାଇଁ ନିର୍ବାଚିତ ହୋଇଥିଲେ, ଯାହା ଆଜି ପର୍ଯ୍ୟନ୍ତ ଏକ ସର୍ବକାଳୀନ ରେକର୍ଡ ହୋଇ ରହିଛି। ଚଳିତ ଥର ଅରୁଣାଚଳ ପ୍ରଦେଶରୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବିଜେତାମାନଙ୍କ ମଧ୍ୟରେ ରହିଛନ୍ତି ଏଠାକାର ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ପେମା ଖାଣ୍ଡୁ ଏବଂ ଉପ-ମୁଖ୍ୟମନ୍ତ୍ରୀ ଚୌନା ମେଇନ୍ ତଥା ଆଉ ଆଠ ଜଣ ଏସ୍‌ଏଲ୍ ପ୍ରାର୍ଥୀ । ଏଠାରେ ମଧ୍ୟ ମୁଖ୍ୟମନ୍ତ୍ରୀ ଖାଣ୍ଡୁ ଏହି ଘଟଣାକୁ ଲୋକମାନଙ୍କ ସ୍ନେହଶ୍ରଦ୍ଧା ଓ ହ୍ୟାସ୍‌ଟ୍ ମୋଦୀ କି ଗ୍ୟାରେଣ୍ଟିରେ ତଥା ରାଜ୍ୟରେ ସର୍ବାଙ୍ଗୀନ ବିକାଶ ନିମନ୍ତେ ଆମମାନଙ୍କର ଉତ୍ସର୍ଗୀକୃତ ମନୋଭାବ ଯୋଗୁଁ' ସେମାନଙ୍କ ବିଜୟ ସମ୍ଭବପର ହୋଇ ପାରିଥିବା କହି ଖୁସି ମନାଇ ଥିଲେ। ସୁଖର କଥା ଯେ ଏହି ରାଜ୍ୟରେ ମୋଟ ୬୦ ବିଧାନସଭା ଆସନ ମଧ୍ୟରୁ ଅବଶିଷ୍ଟ ୫୦ଟି ଆସନ ତଥା ଦୁଇଗୋଟି ଲୋକସଭା ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ସୁରଟର ସାମ୍ପ୍ରତିକ ଘଟଣାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ବ୍ୟଥିତ ହୋଇ କହିଛନ୍ତି, 'ଜଣେ ନେତାଙ୍କୁ ନିର୍ବାଚିତ କରିବାର ଅଧିକାର ଲୋକମାନଙ୍କଠାରୁ ଛଡ଼ାଇ ନେବା ହେଉଛି ବାବାସାହେବ ଆମ୍ବେଦକରଙ୍କ ଦ୍ୱାରା ପ୍ରଣୀତ ସମ୍ବିଧାନର ସମାପ୍ତି କରିବା ଦିଗରେ ଆଉ ଗୋଟିଏ ପଦକ୍ଷେପ।' ଏହା ଅତ୍ୟନ୍ତ ପରିତାପର ବିଷୟ ଯେ ବିନା ଭୋଟଦାନରେ ନିର୍ବାଚନଗୁଡ଼ିକ ଅନୁଷ୍ଠିତ ହେବା ଉପରେ ଅଧିକାଂଶ ଲୋକ ଆଦୌ କୌଣସି ପ୍ରତିକ୍ରିୟା ପ୍ରକାଶ କରୁ ନାହାନ୍ତି ଯାହା ହେଉଛି ଏକ ସଠିକ୍ ଚିନ୍ତା। ସମୟ ଉପଗତ ହୋଇଛି, ଭାରତୀୟ ନିର୍ବାଚନ କମିଶନ ଏବଂ ଆଇନ ପ୍ରଣୟନକାରୀମାନେ ନିର୍ବାଚନ ଅନୁଷ୍ଠିତ ହେବାକୁ ବାଧ୍ୟତାମୂଳକ କରାଇବା ଉଚିତ, ଯଦିଓ ଆବଶ୍ୟକ ସ୍ଥଳେ ଏଭଳି ପରିସ୍ଥିତିଗୁଡ଼ିକ କ୍ଷେତ୍ରରେ ତାହା ଛଅ ମାସ ମଧ୍ୟରେ କରାଯାଇପାରେ।

# ମଧୁବନର ମେୟର ଓ ଅନୁତପ୍ତ ମନୋଜ

### ପ୍ରଫେସର ମଣୀନ୍ଦ୍ର କୁମାର ମେହେର



ମନୋଜ ଦାସଙ୍କର ଯେଉଁମାନେ ପ୍ରିୟ ପାଠକ ସେମାନେ କେହି 'ମଧୁବନର ମେୟର' ଗଳ୍ପ ଅଧ୍ୟୟନରୁ ବଞ୍ଚିତ ହୋଇ ନ ଥିବେ ବୋଲି ଆଶା । ସେଥିପାଇଁ ଏହି ଗଳ୍ପର ବିଷୟବସ୍ତୁକୁ ଏଠାରେ ବ୍ୟାଖ୍ୟା କରାଯାଉ ନାହିଁ । ମନୋଜ ହେଉଛନ୍ତି ଜଣେ ଅସାଧାରଣ ବ୍ୟଙ୍ଗଶିଳ୍ପୀ । ମଣିଷକୁ ଏପରି ଶାଣିତ ଓ ଅର୍ଥପୂର୍ଣ୍ଣ ବ୍ୟଙ୍ଗରେ ସେ ଆହତ କରିଛନ୍ତି ଯେ, ସେଥିରେ ଯନ୍ତ୍ରଣା ନ ଥାଏ, ଥାଏ ଉତ୍ତରିତ ହୋଇଯିବାର ଶକ୍ତିଶାଳୀ ମନ୍ତ୍ର । ସେ ନିଜେ ମଧ୍ୟ ସ୍ୱୀକାର କରିଛନ୍ତି ଯେ ମଣିଷ ପ୍ରତି ତାଙ୍କର ଭଲପାଇବା ଅତ୍ୟନ୍ତ ନିର୍ମଳ ଓ ଗଭୀର । ସେଇଥିପାଇଁ ତାଙ୍କ ବ୍ୟଙ୍ଗ ମାନବାତ୍ମାକୁ କଷ୍ଟ ଦେବା ପାଇଁ ଅଭିପ୍ରେତ ନୁହେଁ। ତାହା ସ୍ନେହସିକ୍ତ ଓ ମମତାପ୍ଲୁତ ବ୍ୟଙ୍ଗ ହୋଇଥିବାରୁ ସେଥିରେ ମୁଖାମୁକ୍ତ ହେବାର ପ୍ରେରଣା ଥାଏ ପ୍ରଚ୍ଛନ୍ନ ହୋଇ ।

'ମଧୁବନର ମେୟର' ଗଳ୍ପଟିରେ ଏକ ଗାଈ କିପରି ପୂର୍ବତନ ମେୟରଙ୍କ ନାତୁଣୀଙ୍କ ମନସ୍ତତ୍ତ୍ୱ ଖାତା ଗର୍ଭସାତ୍ କରିଛି ଓ ପୂର୍ବତନ ମେୟର ମୁନିସିପାଲିଟି ବୈଠକରେ ସେ ସଂପର୍କିତ ଅଭିଯୋଗ ଆଣିବାବେଳେ ତାଙ୍କର ଛାତ୍ର ବର୍ତ୍ତମାନର ମେୟର ତାଙ୍କୁ କିପରି ଉପହାସ କରିଛନ୍ତି – ତାହା ଅନୁରାଗୀ ପାଠକବୃନ୍ଦ ନିଶ୍ଚୟ ମନେ ରଖିଥିବେ । ଏହାର ପରବର୍ତ୍ତୀ ଦୃଶ୍ୟ ମଧ୍ୟ ପାଠକମାନଙ୍କ ଆଖି ଆଗରେ ନିଶ୍ଚୟ ନାଚି ଉଠୁଥିବ । ବର୍ତ୍ତମାନର ମେୟର ସାନ୍ଧ୍ୟକାଳୀନ ପରିବେଶରେ ନିଜ କାରରେ ଫେରିବାବେଳେ କିପରି ନଦୀ କୂଳରେ ସ୍ନାନ କରିବାପାଇଁ ଅଟକି ଯାଇଛନ୍ତି ଓ ନଗ୍ନ ଶରୀରରେ ସ୍ନାନ ସାରି ଉପରକୁ ଉଠୁଥିବାବେଳେ ଉପରୋକ୍ତ ଗାଈଟି ତାଙ୍କ ପୋଷାକ ଖାଇଯାଇଛି ।

ତାଙ୍କ କାର୍ଯ୍ୟାଳୟର ଏକ ଗାଡ଼ି କିପରି ଅନ୍ଧାର ମଧ୍ୟରେ ତା'ର ଆଲୋକ ତାଙ୍କ ଦେହ ଉପରକୁ ବିଚ୍ଛୁରିତ କରିଛି ଓ ଲଜ୍ଜା ତଥା ଅପମାନର ଭୟରେ ସେ ସାରାରାତି ନଦୀ ମଧ୍ୟସ୍ଥ ଏକ ଛୋଟ ନୌକାରେ କିପରି ଆଶ୍ରୟ ନେଇଛନ୍ତି, ତାହା ଅନ୍ୟମାନଙ୍କ ପାଇଁ ଯେତିକି ହାସ୍ୟଉଦ୍ରେକକାରୀ ତାଙ୍କ ପାଇଁ ତାହା ତା'ଠାରୁ ଅଧିକ ଯନ୍ତ୍ରଣାଦାୟକ ଓ ଏହା ବି ଆମେ କେହି ଭୁଲିପାରି ନାହୁଁ । ଶେଷରେ ହୋଇଛି କ'ଣ ? ମଧୁବନ ମେୟର ଉପଲବ୍ଧ କରିଛନ୍ତି ଜୀବନର ଚରମ ଅସହାୟତା ଆଉ ସ୍ଥିର କରିଛନ୍ତି ଯେ, ସେ ତାଙ୍କର ଗୁରୁ ଅର୍ଥାତ୍ ପୂର୍ବତନ ମେୟରଙ୍କ ନିକଟକୁ ଯାଇ କ୍ଷମାପ୍ରାର୍ଥୀ ହେବେ ଓ କହିବେ 'ସାର୍ ମୁଁ ବର୍ତ୍ତମାନ ପ୍ରାପ୍ତବୟସ୍କ ।'

ଏହି କାହାଣୀର ଅବତାରଣା କରି ମନୋଜଙ୍କ ଜୀବନରେ ଘଟିଥିବା ଘଟଣାକୁ ଏଠାରେ ଉଲ୍ଲେଖ କରିବାର ପ୍ରୟୋଜନୀୟତା ଏ ଲେଖକ ଅନୁଭବ କରୁଛି । ତାହା ହେଲା ଯେତେବେଳେ ମନୋଜ କଲେଜର ଛାତ୍ର ଏବଂ ଛାତ୍ରନେତା ମଧ୍ୟ, ସେତେବେଳେ ତାଙ୍କର ଇଂରାଜୀ ଅଧ୍ୟାପକ ଏକ ପ୍ରବନ୍ଧ ଲେଖିବାପାଇଁ ଦେଇଥିଲେ ବିଷୟବସ୍ତୁ 'ତକିଆର ଆତ୍ମକାହାଣୀ' । ଏହାକୁ ନେଇ ମନୋଜଙ୍କ ବନ୍ଧୁବର୍ଗଙ୍କ ମଧ୍ୟରେ ଯେଉଁ ହାସ୍ୟରୋଳ ହୋଇଥିଲା ଓ ଉକ୍ତ ଅଧ୍ୟାପକଙ୍କୁ ମନୋଜ ଯେପରି ବ୍ୟଙ୍ଗାତ୍ମକ ଦୃଷ୍ଟିରେ ନିରୀକ୍ଷଣ କରିଥିଲେ, ତାହା ସ୍ମରଣ କଲେ ମଧୁବନର ମେୟରଙ୍କ ତାଙ୍କ ଗୁରୁଙ୍କ ପ୍ରତି ବ୍ୟଙ୍ଗ ମଧ୍ୟରେ ଅନୁଭବ କରିହୁଏ ଏକ ସୂକ୍ଷ୍ମ ସାମଞ୍ଜସ୍ୟ । ପରବର୍ତ୍ତୀ ସମୟରେ ମନୋଜ ଯେତେବେଳେ ଖ୍ୟାତନାମା ଲେଖକ ଓ ସୁବକ୍ତା ସେତେବେଳେ ସେହି ଅଧ୍ୟାପକ ବୃଦ୍ଧ ବୟସରେ ଉପନୀତ । ସଭାକକ୍ଷରେ ମନୋଜଙ୍କ ଭାଷଣ ଶୁଣିବାପାଇଁ ସେ ଆସିଥାନ୍ତି ଆଗ୍ରହଭରେ । ମନୋଜ ତାଙ୍କୁ ଦେଖି ଅନୁଭବ କରିଛନ୍ତି କୃତଜ୍ଞତା । ସଭା ସମାପ୍ତି ପରେ କିଛି ସମୟ ସକାଶେ ଉଭୟଙ୍କ ଭିତରେ ଯେଉଁ ଭାବ ବିନିମୟ ହୋଇଛି, ସେଥିରେ ମନୋଜ ଉପଲବ୍ଧି କରିଛନ୍ତି ଯେ ଛାତ୍ର ଜୀବନରେ ସେ କରିଥିବା ବ୍ୟଙ୍ଗ ଉଦ୍ରେକକାରୀ ତ୍ରୁଟିପୂର୍ଣ୍ଣ ଆଚରଣକୁ ଅଧ୍ୟାପକ ମହୋଦୟ କେବେଠୁ ମନେମନେ କ୍ଷମା କରିଦେଇଛନ୍ତି । ଏ ପ୍ରସଙ୍ଗ ଉଲ୍ଲେଖ କରି ମନୋଜ ତାଙ୍କର ଏକ ଲେଖାରେ ନିଜ ଅନ୍ତରାତ୍ମାର ଅନୁଭୂତି ବ୍ୟକ୍ତ କରି କହିଛନ୍ତି ଯେ 'ସାର୍ ମତେ କ୍ଷମା କରିସାରିଥିଲେ ସତ ; କିନ୍ତୁ ମୁଁ ନିଜେ ନିଜକୁ ସେଥିପାଇଁ କ୍ଷମା କରିପାରି ନାହିଁ ।'

ଏହି ଗୋଟିଏ ମାତ୍ର ବାକ୍ୟ ଭିତରେ ମନୋଜଙ୍କ ଅନୁତପ୍ତ ହୃଦୟର ଯେଉଁ ବିନମ୍ରତା ପ୍ରକାଶିତ ହୋଇଛି, ତାହାକୁ ଗୌଣ ମନେ କରିବା ଆଦୌ ଉଚିତ ହେବ ନାହିଁ । ମଧୁବନର ମେୟରଙ୍କ ପଶ୍ଚାତ୍ତାପ ଭିତରେ ମନୋଜଙ୍କ ଅନୁତପ୍ତ ହୃଦୟର ବ୍ୟଥା ଯେ ପ୍ରଚ୍ଛନ୍ନ ହୋଇ ରହିଥିବା ଅସ୍ୱାଭାବିକ ହୋଇ ନ ପାରେ ଏକଥା ଗଭୀର ଅନ୍ତର୍ଦୃଷ୍ଟି ନେଇ ଦେଖିଲେ ଆମେ ଅନୁଭବ କରିପାରିବା। ମନୋଜ ନିଜେ ମଧ୍ୟ କହିଛନ୍ତି ବ୍ୟଙ୍ଗର ଦର୍ପଣରେ ସେ ଆପଣାର ମୁହଁକୁ ଦେଖିପାରିଛନ୍ତି ବୋଲି। ତେଣୁ ତାଙ୍କର ବ୍ୟଙ୍ଗ ପାଇଁ ଯଦି କେହି ଆହତ ଅନୁଭବ କରନ୍ତି, ତା'ହେଲେ ସେ ସେମାନଙ୍କ ଆଗରେ ନିଜକୁ କ୍ଷମାପ୍ରାର୍ଥୀ ବୋଲି ଦର୍ଶାଇ ଦେଇଛନ୍ତି । ଏଇଥିରୁ ଉପଲବ୍ଧି କରିହୁଏ ମନୋଜଙ୍କ ଜୀବନାନୁଭବର ଗଭୀରତା ଓ ବିଶାଳତା କେତେ ପ୍ରାଣସ୍ପର୍ଶୀ। 'ମଧୁବନର ମେୟର' ସେଦିନ ଯେମିତି ତାଙ୍କ ଗୁରୁଙ୍କ ସମ୍ମୁଖରେ କ୍ଷମାପ୍ରାର୍ଥନାର ମୁଦ୍ରାରେ ଛିଡ଼ା ହୋଇଥିବେ, ମନୋଜ କଲେଜ ଜୀବନର ସେଇ ଉଦ୍ଦାମ ଆଚରଣରୁ ନିଜକୁ ମୁକ୍ତ କରି ନମ୍ରତାର ଜ୍ୟୋତିରେ ଉଦ୍‌ଭାସିତ ହୋଇ ତାଙ୍କ



ସାରଙ୍କ ସମ୍ମୁଖରେ କିପରି କୃତଜ୍ଞତାଭରା ଚିତ୍ତରେ ଦଣ୍ଡାୟମାନ ହୋଇ ରହିଥିବେ, ସେ କଥା ଭାବିଲେ ସେହି ମହାନ୍ ଶିକ୍ଷକଙ୍କ ପ୍ରତି ଯେପରି ହୃଦୟରେ ସମ୍ମାନ ଜାଗ୍ରତ ହୁଏ, ସେହିପରି ମନୋଜଙ୍କ ମହନୀୟ ବ୍ୟକ୍ତିତ୍ୱ ଆଗରେ ନତମସ୍ତକ ହେବାକୁ ଇଚ୍ଛା ହୁଏ ପାଠକର। ଏହିଭଳି ଅନୁଭୂତି ଜୀବନରେ ଆଣିଦିଏ ଏପରି ପରିପକ୍ୱତା, ଯାହା ମଣିଷକୁ କରିଦିଏ ବିନୟର ଅବତାର । ମନୋଜଙ୍କ ଗଳ୍ପକଳା ମଧ୍ୟରେ ଓ ତାଙ୍କର ଜୀବନକଳା ଭିତରେ ଏହିପରି ପ୍ରଚ୍ଛନ୍ନ ହୋଇ ରହିଛି ମାନବିକତାର ସମୁଜ୍ଜ୍ୱଳ ସଂସ୍କୃତି, ଯାହା ମଣିଷକୁ ନିରନ୍ତର ପ୍ରେରଣାପ୍ଲୁତ କରୁଥାଏ ବିନମ୍ରତାପୂର୍ଣ୍ଣ ଜୀବନ ବଞ୍ଚିବାପାଇଁ ଓ ତା' ହୃଦୟରେ ଜାଳିଦିଏ ଏପରି ଏକ ସ୍ନିଗ୍ଧ କୋମଳ ପ୍ରଦୀପର ଶିଖା, ଯାହାର ଆଲୋକରେ ମଣିଷର ସମସ୍ତ କୃତ୍ରିମତା ହୁଏ ଦୂରୀଭୂତ ଓ ସେ ଆପଣା ସ୍ୱରୂପରେ ସୌନ୍ଦର୍ଯ୍ୟମୟ ରୂପରେ ହୁଏ ପ୍ରତିଭାତ ।

# ଛାଇ ଆଲୁଅରେ ଜୀବନ



### ଡକ୍ଟର ଲକ୍ଷ୍ମଣ ସାହୁ

ସୁଖ ଓ ଦୁଃଖ ସମାନ ମାପର ଦୁଇଟି ମାପକାଠି । ଜୀବନରେ ଉଭୟଙ୍କର ସମାନ ମହତ୍ତ୍ୱ ରହିଛି । ଗୋଟିଏ ଅନୁଭବ କରିବାର ଅନୁପସ୍ଥିତିରେ । ଅନ୍ୟଟି ଅନୁଭବ ହୋଇପାରିବ ନାହିଁ ଓ ଏହାର ଗୁରୁତ୍ୱ ବୁଝି ହେବ ନାହିଁ । ବର୍ତ୍ତମାନ ଏହା ଅନୁକୂଳ କିମ୍ବା ପ୍ରତିକୂଳ ଯାହା କିଛି ବି ହେଉ, ଏହାର ପ୍ରଭାବ ମଧ୍ୟ ଆମ ଅନୁଭବ ଉପରେ ନିର୍ଭର କରେ । ଅନେକ ଥର ଆମେ ଖୁସି ଅନୁଭବ କରି ଅତ୍ୟଧିକ ଆନନ୍ଦିତ ହୋଇ ପଡୁ । ଦୁଃଖ ସମୟରେ ଗଭୀର ଅବସାଦରେ ବୁଡ଼ିଯାଉ । ସୁଖରେ ଖୁସି ହେବା ଓ ଦୁଃଖରେ ଯନ୍ତ୍ରଣା ଅନୁଭବ କରିବା ସ୍ୱାଭାବିକ ହୋଇପାରେ । କିନ୍ତୁ ସେ ସମୟରେ ବୁଝିବାର ଯଥେଷ୍ଟ ଆବଶ୍ୟକତା ଅଛି ଯେ ସୁଖ ଓ ଦୁଃଖ କେବେ ସ୍ଥାୟୀ ନୁହେଁ ।

ତେଣୁ ପରିସ୍ଥିତି ହୁଏତ ଅଳ୍ପ ସମୟ ପାଇଁ ସୁଖ କିମ୍ବା ନିର୍ଯାତନାର କାରଣ ସୃଷ୍ଟି କରନ୍ତି । ସମୟ ଏହା ବ୍ୟତୀତ ସୁଖ ଓ ଦୁଃଖର ମାପ ମଧ୍ୟ ପରିବର୍ତ୍ତିତ ସମୟ ସହିତ ବଦଳିବାରେ ଲାଗେ । ଏଭଳି ଗୋଟିଏ ସମୟ ଥିଲା ଯେତେବେଳେ ଜୀବନର ଆବଶ୍ୟକତା ସୁଖର ଅନୁଭବ ଥିଲା ।ସେହିଭଳି ଆଜି କେହି କେହି ସେମାନଙ୍କୁ ଅଭାବର ସଙ୍କେତ ଭାବରେ ବିବେଚନା କରିପାରନ୍ତି । ଯାହା ହୁଏତ ଥରେ ଯନ୍ତ୍ରଣା ଦେଇଥାଇପାରେ । ଲୋକମାନେ ପରେ ଏହାକୁ ଭୁଲିପାରନ୍ତି କିମ୍ବା ଏହାକୁ ବାଦଦେଇ ଆଗକୁ ବଢିପାରନ୍ତି କିମ୍ବା ଗୋଟିଏ ପାଦ ପଛକୁ ଯାଇ ତାର ସୁଖ ପାଇବା ପାଇଁ ଏକ ମାଧ୍ୟମ ଭାବରେ ବିବେଚନା କରିପାରନ୍ତି। କିନ୍ତୁ ଅନେକ ସମୟରେ ଏହା ଟିକିଏ ଜଟିଳ ପରିସ୍ଥିତି ସୃଷ୍ଟି କରିଥାଏ ।

ଯଦି ଆମେ ପରିସ୍ଥିତି ମଧ୍ୟରେ ଏକ ଶାନ୍ତ ସ୍ଥିତିକୁ ଗ୍ରହଣ କରୁ, ତେବେ ନିଶ୍ଚିତ ଭାବରେ ବିଷୟଗୁଡ଼ିକ ପ୍ରତି ସଂଲଗ୍ନର ଭାବନା ବହୁ ଦୂରରେ ରହିଥାଏ । ଏକାସାଙ୍ଗରେ, ଆତ୍ମାରେ ଅପାର ଆନନ୍ଦର ଏକ ଈଶ୍ୱରୀୟ ଅନୁଭବ ଅଛି। ବାସ୍ତବରେ, ଆମର ମାନସିକ ସ୍ଥିତି ସୁଖ ଏବଂ ଦୁଃଖ ଅନୁଭବ କରିବାରେ ଦୃଢଭାବରେ ସାହାଯ୍ୟ କରେ । ସମସ୍ତଙ୍କର ସୁଖ ଓ ଦୁଃଖର ମାନଦଣ୍ଡ ଭିନ୍ନ ହୋଇପାରେ । କିଛି ଲୋକ ଛୋଟ ସଫଳତା ଉପରେ ମଧ୍ୟ ସୁଖର ଆନନ୍ଦରେ ବୁଡ଼ି ଯାଆନ୍ତି, ଯେତେବେଳେ ସାମାନ୍ୟ ବିପର୍ଯ୍ୟୟ ଘଟେ ଅନେକେ ଖରାପ ବ୍ୟାକୁଳ ହୁଅନ୍ତି । ତଥାପି ଆଉ କିଛି ଲୋକ ଅଛନ୍ତି ଯେଉଁମାନେ ଧୈର୍ଯ୍ୟ ସହିତ ସୁଖ ଓ ଦୁଃଖରୁ ଉତ୍ପନ୍ନ ପରିସ୍ଥିତିର ସାମ୍ନା କରନ୍ତି । ସେତେବେଳେ ଧୈର୍ଯ୍ୟବାନ ହୁଅନ୍ତି , ତେବେ ସମୟ ବଦଳିବା ସହିତ ସୁଖ ଓ ଦୁଃଖର ରୂପ ମଧ୍ୟ ବଦଳିଯିବ । ଆମ ଜୀବନରେ ସମୟ ସମୟରେ ସୁଖ ଓ ଦୁଃଖର ଅନେକ ଘଟଣା ସାମ୍ନାକୁ ଆସେ।

ସମାନ ଅବସ୍ଥାରେ ଥାଇ ଅତ୍ୟଧିକ ଜଟିଳ ପରିସ୍ଥିତିକୁ ମଧ୍ୟ ସହଜରେ ସାମ୍ନା କରାଯାଇପାରେ । କିନ୍ତୁ ଏପରି ବହୁ ଅଭିଜ୍ଞତା ସହିତ ଉପସ୍ଥିତ ଥାଇ ସୁଖ ବା ଉଦାସୀନତାର ମୁହୂର୍ତ୍ତରେ ମନର ସ୍ଥିରତା ଜଣକୁ ଆନନ୍ଦରେ ଈଶ୍ୱରୀୟ ଅନୁଭବ କରିଥାଏ । ଏପରି ପରିସ୍ଥିତିରେ ଯଦି ଆମେ ନିରପେକ୍ଷ ଭାବରେ କାର୍ଯ୍ୟ କରିବା ଜୀବନର ଅନୁକୂଳ ଦିଗଗୁଡିକ ପ୍ରତି ଦୃଷ୍ଟିଦେଇ ଚାଲିବାକୁ ହେବ ।

ଯାହାର ସାଂସାରିକ ବିଷୟ ମୋହ ପ୍ରତି କୌଣସି କାମନା ନାହିଁ, ସେ ପାସ୍ କରିପାରେ । ଅଭ୍ୟାସରେ ଦେଖାଯାଏ ଯେ ଯେଉଁମାନେ ସର୍ବଦା ଖୁସି ହୁଅନ୍ତି ସେମାନେ ଛୋଟ ଛୋଟ ଜିନିଷରେ ମଧ୍ୟ ବହୁତ ସୁଖ ଅନୁଭବ କରନ୍ତି । ସେହିପରି ଦୁଃଖ ସମୟରେ ମଧ୍ୟ ନିଜ ମନରେ ଅପାର ଶାନ୍ତି ଅନୁଭବ କରିପାରନ୍ତି । ତଥାପି ବିଭିନ୍ନ ଧର୍ମ ଓ ଦାର୍ଶନିକତାରେ ଅନନ୍ତ ବିଶ୍ୱାସ ଅନୁଯାୟୀ, ବସ୍ତୁ ଜିନିଷଗୁଡ଼ିକରେ ସୁଖ ମିଳିପାରିବ ନାହିଁ । ସତ୍ୟ ହେଉଛି ଜୀବନର ପ୍ରକୃତ ଆନନ୍ଦ ନିରପେକ୍ଷତା ମଧ୍ୟରେ ଅଛି ।

ନିଜେ ବଞ୍ଚିବାରେ ଆବିର୍ଭୂତ ଜୀବନ ଜ୍ଞାନ ଅଛି । ସେହି ଅନୁଭୂତି ଦ୍ୱାରା ଆଶୀର୍ବାଦ ପ୍ରାପ୍ତ ହୁଏ । ତାପରେ ସ୍ୱାଭାବିକ ଭାବରେ ତାଙ୍କର ଭ୍ରମ, ସ୍ନେହ, ସଂଲଗ୍ନତା ଓ ଲୋଭ ପ୍ରତି ତାଙ୍କର ଭାବନା ଶୂନ୍ୟ ହୋଇଯାଏ ।? ଏପରି ପରିସ୍ଥିତିରେ ତାଙ୍କ ମନ କୌଣସି ପରିସ୍ଥିତିରେ ଅସ୍ଥିର ହୋଇଯାଏ ନାହିଁ । କେବଳ ଜ୍ଞାନୀ-ଦର୍ଶକଙ୍କ ଭାବନାକୁ ଜାଗ୍ରତ କରି, ଜଟିଳ ପରିସ୍ଥିତିରେ ମଧ୍ୟ ବିଚଳିତ ରହିପାରିବେ ।? ଅଭ୍ୟାସ ଦ୍ୱାରା ଏହାକୁ ନିଜ ମନ କିମ୍ବା ଚିନ୍ତା ପ୍ରକ୍ରିୟାରେ ସନ୍ତୁଳନ ଓ ଧୈର୍ଯ୍ୟ ବଜାୟ ରଖିବା କୁହାଯାଇପାରେ । ପରିସ୍ଥିତି କେବେବି ସମାନ ରହେ ନାହିଁ । ନିୟତର ନିର୍ଦ୍ଦେଶନାରେ ସମସ୍ତଙ୍କ ଜୀବନରେ ଉତ୍ଥାନ-ପତନର କ୍ରମ ଜାରି ରହିଛି । ଏକଥା ସତ୍ୟ ଯେ ଏହି ଦୁନିଆକୁ ଯାହା ଆସେ ତାହା ଯିବାକୁ ପଡିବ । ସେହିଭଳି ସୁଖ ଓ ଦୁଃଖର ପ୍ରକୃତି କଦାପି ସ୍ଥାୟୀ ନୁହେଁ। ଏହାର ଆଗମନ ଓ ପ୍ରସ୍ଥାନ ସାରା ଜୀବନ ତମାମ ଜାରି ରହିଛି ।

ଯେଉଁମାନଙ୍କର ହୃଦୟ ଦୁର୍ବଳ, ସେମାନେ ସୁଖ କିମ୍ବା ଦୁଃଖକୁ ସହ୍ୟ କରିବାକୁ ସକ୍ଷମ ନୁହଁନ୍ତି । ଖୋଲାଖୋଲି ଭାବେ କହିବାକୁ ଗଲେ ସେମାନେ ପରିସ୍ଥିତିର ଦାସ ହୁଅନ୍ତି । କିନ୍ତୁ ଯେଉଁମାନେ ଅସାଧାରଣ ଲୋକ ସେମାନଙ୍କ ସକରାତ୍ମକ ଚିନ୍ତାଧାରା ଆଧାରରେ ଅତ୍ୟଧିକ ପ୍ରତିକୂଳ ପରିସ୍ଥିତିକୁ ମଧ୍ୟ ଅନୁକୂଳ ପରିସ୍ଥିତିରେ ପରିଣତ କରନ୍ତି। ଏହା କୌଣସି ପ୍ରକାରର ସଫଳତା ଆବଶ୍ୟକ କରେ ନାହିଁ । ବାସ୍ତବରେ, ମନର ଅସ୍ଥିରତାକୁ ଦୂର କରି ଏକ ସମାନ ସ୍ଥିତି ହାସଲ କରି ପରିସ୍ଥିତିକୁ ସାମ୍ନା କରି ଜୀବନର ସୂର୍ଯ୍ୟକିରଣ ଓ ଛାଇ ମଧ୍ୟ ସମାନ ଆନନ୍ଦଦାୟକ ମନେହୁଏ ।

ସୁଖ ଓ ଦୁଃଖ ସହିତ ସାମଗ୍ରୀର ଆରାମର ସଂପୂର୍ଣ୍ଣ କିଛି ନାହିଁ । ସୁଖର ଆଭ୍ୟନ୍ତରୀଣ ଅନୁଭବ ନହେବା ପର୍ଯ୍ୟନ୍ତ, ବାହ୍ୟ ସମ୍ବଳର ପ୍ରଚୁରତା ମଧ୍ୟ ମନକୁ ଶାନ୍ତି ଦେଇପାରେ ନାହିଁ । ତେଣୁ କେବଳ ତାହା କରିବା ପାଇଁ ଆମେ ସମସ୍ତ ସମ୍ଭାବ୍ୟ ପ୍ରୟାସ କରିବା ଉଚିତ୍ । ଯେଉଁ କାରଣରୁ ମନରେ ସୁଖର ପ୍ରବାହ ସ୍ୱାଭାବିକ ଭାବରେ ବୃଦ୍ଧି ପାଇପାରେ । ଅନ୍ୟଥା, ଯଦି ତୁମର ଦୁନିଆରେ ସମସ୍ତ ଧନ ଅଛି କିନ୍ତୁ ମାନସିକ ଶାନ୍ତି ନାହିଁ । ତେବେ ଧନର ବ୍ୟବହାର କ'ଣ ? ଜଣେ ଆସି ଏହି ଦୁନିଆରେ ଖାଲି ହାତରେ ଯାଏ । ଜୀବନର ବିଭିନ୍ନ ସମୟରେ, ବିଭିନ୍ନ ଅନୁଭୂତି ଆମକୁ ସୂର୍ଯ୍ୟକିରଣ ଏବଂ ଜୀବନର ଛାଇ ସହିତ ପରିଚିତ କରାଏ । ଏପରି ପରିସ୍ଥିତିରେ ଆମେ ସଠିକ୍ ମନୋଭାବ ବଜାୟ ରଖିବା ଉଚିତ୍ । କେବଳ ସେତେବେଳେ ଆମେ ଏକ ଦୀର୍ଘ ନିଶ୍ୱାସ ନେଇପାରିବା...!!!


ଅଧକ୍ଷ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗୀୟ ମୁଖ୍ୟ,
ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ ,
କଟକ -୪ , ସଂପର୍କ: ୯୦୪୦ ୧୫୧୪୭୫





## ନିରବତା

### ସୁଶାନ୍ତ ମହାରଣା



କିମ୍ପା ବସିଅଛ ନୀରବରେ ଭାଇ
ଅଛି କିବା ଅଭିମାନ
ଅଭାବ କଷଣ ନାହିଁ କିଛି ତୁମ
କାହିଁ ମ୍ଳାନ ଅଛି ମନ ।

କି ଅବା ମନରେ ବେଦନା ଭରିଛି
ପ୍ରିୟ ପ୍ରେୟସୀର କଥା ?
କିବା ଅନ୍ତର ତଳେ କୁହୁଳୁଛି
ବିରହ ଜ୍ୱାଳାର ବ୍ୟଥା ।

କିବା ନୀରବରେ ଚାହିଁ ବସିଅଛ
ପ୍ରେୟସୀ ଆଗମ ପଥ
ପ୍ରେୟସୀ ସମ୍ବାଦ ଆସିନାହିଁ ବୋଲି
ବିଚଳିତ କିବା ଚିତ୍ତ ।

ମୃଦ୍ୟୁହାସ୍ୟ ମୁଖ ମଉଳି ଯାଇଛି
ନୀରବରେ ଆଜି କାହିଁ ?
ଧନ ଦଉଲତ ହଜାଇ ଦେଇଛି
ଅବା କେଉଁଠାରେ କାହିଁ।

କିବା ଅବୟବ ଅସୁସ୍ଥ କାରଣେ
ମଉଳି ଯାଇଛି ମନ ?
ଅବା ପଥଶ୍ରାନ୍ତ ହୋଇବା ହେତୁରୁ
କରୁଅଛ ଯେ ବିଶ୍ରାମ।

ହଜାଇ ଦେଇଛ କେଉଁଠାରେ ଅବା
ତୁମ ପ୍ରେମ ଚାବିକାଠି ?
ସେଥିପାଇଁ କିମ୍ପା ମନଟି ତୁମର
ମଉଳି ଯାଇଛି ଆଜି ।

କିବା ଅନ୍ତରଙ୍ଗ ପ୍ରଣୟର ତୁମେ
ପ୍ରତୀକ୍ଷାରେ ଅଛ ରହି
ଅବା ବିରହର ଜ୍ୱାଳାକୁ ଅନ୍ତରେ
ପାରୁନ ଜମା ସହି ।

ତରୁଣ ବୟସେ ପ୍ରେମ ଆଲୋଡନ
ପ୍ରପୀଡ଼ିତ ତନୁ ମନ
ଉତ୍ତର ଦିଅ ଆହେ ବନ୍ଧୁ ମୋର
କାହିଁକି ହେଲ ମଉନ।

## ଅଗ୍ନିରୂପା

### ଜଗଦୀଶ ସାହୁ



ଗୋପାଳ ଗଡ଼ରେ ପୂଜା ପାଉଅଛୁ
ମାଆ ହିଙ୍ଗୁଳାୟୀ ନାମରେ
ସନମାନ ତୋର ରହିଛି ମାଆଲୋ
ପୂଣ୍ୟ ଶିରୀକ୍ଷେତ୍ର ଧାମରେ !

ଅଗ୍ନିରୂପେ ବିଜେ ହୋଇଲୁ ମା ନିଜେ
ମହିମା ପ୍ରକାଶି ତୋହର
କି ଦେଇ ପୂଜିବି ପାରୁନାହିଁ ଭାବି
ଘେନ ମା ଜୁହାର ମୋହର !

ତୁଣ୍ଡରୁ ତୁଣ୍ଡକୁ କଥା ଖେଳିଗଲା
ମାଆ ଆସିଛନ୍ତି ଧରାକୁ
କାହିଁ କେତେ ଦୂରୁ ଭକତ ଆସିଲେ
ନ ଡରି ଚଇତି ଖରାକୁ !

ତୋ କୃପା ବଳରେ ଦରଶନ ତୋତେ
କଲେ ଭୋଗରାଗ ଦେଇକି
ଖୁସିରେ ଭକତ ଘର ବାହୁଡ଼ିଲେ
ତୋହର ଆଶିଷ ନେଇକି !


ସଂଜପଡା, ହିନ୍ଦୋଳ
ଢେଙ୍କାନାଳ,୭୫୯୧୨୮
ମୋ :-୯୦୭୮୧୮୫୬୧୬


## ତୁମେ ଗଲା ପରେ...

### ପ୍ରଭାତ କୁମାର ନାୟକ



ତୁମେ ଗଲା ପରେ ଚାନ୍ଦିନୀର ଚାନ୍ଦ
ଶୀତଳ ଜୋଛନା ଢାଳେ ନା,
ନିତି ନିଶୀଥରେ ଫୁଟେ ହେନା ମଲ୍ଲି
ସେ ଫୁଲରେ ନାହିଁ ବାସନା ।
ତୁମେ ଗଲା ପରେ ...

ଋତୁ ପରେ ଋତୁ ଫଗୁଣ ଫେରିଛି
ମଳୟ ପବନ ବହେନା,
ପାହାନ୍ତି ପ୍ରହରେ ଆମ୍ବ ଗଛ ଡ଼ାଳୁ
କୋକିଳ କୂଜନ ଶୁଭେନା ।
ସୋରିଷ ଫୁଲର ହଳଦିଆ ଖେତ
ଚୁପି ଚୁପି ଆଉ ହସେନା..
ତୁମେ ଗଲା ପରେ ...

ପ୍ରେମ ନୀଳ ନଈ ଶୁଖିଲା ପଡିଛି
ପୀରତି ଜୁଆର ଆସେନା,
ବିରହର ନିଆଁ ନିତି ଜାଳି ମାରେ
ହୃଦୟରେ ଭରି ବେଦନା ।
ମନ ଅଗଣାରେ ପାଦ ପାଉଁଜିର
ରୁଣୁ ଝୁଣୁ ସ୍ୱର ଶୁଭେନା ..
ତୁମେ ଗଲା ପରେ ...

ତୁମ ସାଥେ ପ୍ରିୟା ଏ ଜୀବନେ
କେବେ
ଦେଖା ହେବ କି ନା ଜାଣେନା,
ତୁମରି ଫେରିବା ପଥକୁ ଅନାଇ
ଏ ଆଖିର ଲୁହ ଶୁଖେନା ।
ମୋ ଜୀବନ ଏଠି ବଇଶାଖୀ ତାତି
ତୁମ ବିନା ଭଲ ଲାଗେନା..
ତୁମେ ଗଲା ପରେ ଚାନ୍ଦିନୀର ଚାନ୍ଦ
ଶୀତଳ ଜୋଛନା ଢାଳେ ନା ....


ଚେନ୍ନାଇ, ତାମିଲନାଡୁ
ମୋ - ୮୧୨୨୮୦୩୨୪୬





# ବୃକ୍ଷ ଦେବତା



ସନ୍ତୋଷ କୁମାର ଅଦାବର



ସେ ଦିନର ଶେଷ ପିରିୟଡରେ ପଞ୍ଚମ ଶ୍ରେଣୀରେ ଶିକ୍ଷକ ପିଲାମାନଙ୍କୁ ପ୍ରଶ୍ନ କଲେ- ଆମେ ବଞ୍ଚିବା ପାଇଁ ଆବଶ୍ୟକ ହେଉଥିବା ଜିନିଷ ସବୁ କାହାଠାରୁ ପାଉଅଛୁ ଅର୍ଥାତ ପ୍ରକୃତିର କିଏ ନ ହେଲେ ଆମେ ପରୋକ୍ଷରେ ବା ପ୍ରତ୍ୟେକ୍ଷରେ ଆମର ଅତ୍ୟାବଶ୍ୟକ ଜିନିଷ ପାଇ ପାରିବା ନାହିଁ ? ଏହାର ଭିନ୍ନ ଭିନ୍ନ ଉତ୍ତର ଆସିଲା । ସେଥିରୁ ମୁଖ୍ୟ ଛଅଟି ଜିନିଷକୁ ଶିକ୍ଷକ କଳାପଟାରେ ଲେଖିଲେ । ସେ ଶବ୍ଦ ଛଅଟି ଥିଲା- ଖାଦ୍ୟ, ପାଣି, ପବନ, ଔଷଧ, ବାସସ୍ଥାନ, ପୋଷାକ।

ଶିକ୍ଷକ ସବୁ ପିଲାଙ୍କୁ ତିନିଗୋଟି ଦଳରେ ଭାଗ କରି ଏଇ ଛଅଟି ଶବ୍ଦକୁ ପ୍ରତି ଦଳକୁ ଦୁଇଗୋଟି ଶବ୍ଦ ଶ୍ରେଣୀକାର୍ଯ୍ୟ ଭାବରେ ଦେଲେ । ସେ ସୂଚନା ଦେଲେ- ପ୍ରଥମ ଦଳ ଖାଦ୍ୟ ଏବଂ ପାଣି,ଦ୍ୱିତୀୟ ଦଳ ପବନ ଓ ଔଷଧ ଏବଂ ତୃତୀୟ ଦଳ ବାସସ୍ଥାନ ଓ ପୋଷାକ- ଏଗୁଡ଼ିକୁ ଆମେ କାହା ଠାରୁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ପାଇଥାଉ ?

ପ୍ରତି ଦଳର ପିଲାମାନେ ନିଜ ନିଜ ଭିତରେ ଆଲୋଚନା କରି ନିର୍ଦ୍ଧିଷ୍ଟ ସମୟ ମଧ୍ୟରେ ନିଜର ଉତ୍ତରକୁ ଉପସ୍ଥାପନ କଲେ। ପ୍ରଥମ ଦଳରୁ ଜଣେ ଛିଡ଼ା ହୋଇ କହିଲା- ଗୁରୁଜୀ, ଜୀବ ଜଗତର ପ୍ରାଣୀମାନେ ଖାଦ୍ୟ ପାଇଁ ବୃକ୍ଷ ଉପରେ ନିର୍ଭର କରିଥାଉ । ଯଦିଓ ପାଣି ବିଭିନ୍ନ ଜଳାଶୟ ଗୁଡ଼ିକରେ ଥାଏ ଏହା ବର୍ଷା ନ ହେଲେ ପୃଥିବୀକୁ ଆସିବ କିପରି ? ଏଇ ବର୍ଷା କରାଇବାରେ ମଧ୍ୟ ବୃକ୍ଷର ଭୂମିକା ରହିଛି । ଦ୍ୱିତୀୟ ଦଳରୁ ଜଣେ ଛିଡ଼ାହୋଇ କହିଲା- ଗୁରୁଜୀ, ବୃକ୍ଷ ନ ଥିଲେ ବାୟୁମଣ୍ଡଳର ବାୟୁ ଚଳନ ହୋଇପାରନ୍ତା ନାହିଁ। ପ୍ରକୃତି ରାଇଜେ ବାୟୁମଣ୍ଡଳର ବାୟୁ ଚଳନ ହେବାରେ ଗଛର ଭୂମିକା ରହିଛି। ପ୍ରାଣୀର ବଞ୍ଚିବା ନିମନ୍ତେ ଆବଶ୍ୟକ ହେଉଥିବା ଅମ୍ଳଜାନ, ବୃକ୍ଷ ଠାରୁ ମିଳିଥାଏ । ଗଛର ଚେର,ଛେଲି,ପତ୍ର ଆଦିରୁ ବିଭିନ୍ନ ଲାଭଦାୟକ ଆରୋଗ୍ୟକାରୀ ଔଷଧ ମଧ୍ୟ ପ୍ରସ୍ତୁତ ହୋଇ ଆସୁଅଛି । ଶେଷରେ ତୃତୀୟ ଦଳରୁ ଜଣେ ଛିଡ଼ା ହୋଇ କହିଲା- ଗୁରୁଜୀ,ମଣିଷ,ଗୃହପାଳିତ ପଶୁ ତଥା ବନ୍ୟଜନ୍ତୁ ରହିବା ପାଇଁ ବୃକ୍ଷ ଉପରେ ପ୍ରତ୍ୟେକ୍ଷ ବା ପରୋକ୍ଷ ଭାବରେ ନିର୍ଭର କରିଥାନ୍ତି। ଗଛର କାଠରୁ ମଣିଷ ନିଜ ବାସସ୍ଥାନ ତିଆରିରେ ବ୍ୟବହାର କରିଥାଏ। ଆମେମାନେ ପିନ୍ଧୁଥିବା କପାସୂତା ପୋଷାକର ଆବଶ୍ୟକ ଗରମ ଦିନରେ ରହେ । ଦେହକୁ ଆରାମ ଲାଗିଥାଏ। ଏଣୁ ପୋଷାକ ପାଇଁ ମଧ୍ୟ ଆମେ ବୃକ୍ଷ ଉପରେ ନିର୍ଭର କରିଥାଉ ।

ଏସବୁ ଉତ୍ତର ଶୁଣିସାରି ଶିକ୍ଷକ ଅତ୍ୟନ୍ତ ଖୁସି ହୋଇଗଲେ । ସେ କହିଲେ- ଏବେ ବୁଝିଲ ପିଲାମାନେ । ବୃକ୍ଷ ହେଉଛି ପ୍ରକୃତିର ଏମିତି ଏକ ଅବଦାନ ଯିଏ ପ୍ରାଣୀମାନଙ୍କର ଅଧିକାଂଶ ଆବଶ୍ୟକତା ପୂରଣ କରିବାରେ ସହାୟକ ହେଉଅଛି । ସେ ନ ରହିଲେ ଆମମାନଙ୍କର ବଞ୍ଚିବା ଅସମ୍ଭବ। ଏଣୁ ବୃକ୍ଷ ରୋପଣ କରି ଆମେ ଏହାର ଯତ୍ନକରି ବଢ଼ାଇବାକୁ ହେବ । ସେ ହେଉଛି ପୃଥିବୀର ଶୀତଳୀକରଣ ଯନ୍ତ୍ର। ଅଧିକ ଜଙ୍ଗଲ ସୃଷ୍ଟିକଲେ ବର୍ତ୍ତମାନର ହୁ ହୁ ହୋଇ ବଢୁଥିବା ଗ୍ରୀଷ୍ମତାପ ଦାଉରୁ ଆମେ ବର୍ତ୍ତିପାରିବା। ଆମେ ତା'ର ଯତ୍ନ କରି ଅଧିକ ଜଙ୍ଗଲ ସୃଷ୍ଟି କରି ପାରିଲେ,ଏହା ହେବ ଆମର ତା'ର ପ୍ରତି ପୂଜା । ସେ ଆମକୁ ସୁଖରେ ରହିବା ପାଇଁ ଆଶୀର୍ବାଦ ପ୍ରଦାନ କରିବ । ବୃକ୍ଷ ହିଁ ଆମର ଦେବତା ।

+ ବୀରମହାରାଜପୁର,ସୁବର୍ଣ୍ଣପୁର
ମୋ-୯୭୭୭୯୧୦୭୨୮

# ଏକତାର ଜିତାପଟ

ରମେଶ ଚନ୍ଦ୍ର ଦାଶ

ଥରେ ଭାଲୁ ଓ ବାଘଙ୍କ ମଧ୍ୟରେ ରାଜା ହେବା ପାଇଁ ପ୍ରତିଯୋଗିତା ହେଲା । ବାଘର ଶକ୍ତି ସାମର୍ଥ୍ୟ ଆଗରେ ଭାଲୁ ଅତ୍ୟନ୍ତ ଦୁର୍ବଳ ଥିଲା । ବାଘ ଅନ୍ୟ ସମସ୍ତଙ୍କୁ ଭଲ ପାଇଲେ ମଧ ଚୁଗୁଲିଆ ପ୍ରକୃତି ହେତୁ ବିଲୁଆକୁ ଭଲ ପାଉନଥିଲା । ବିଲୁଆ ବି ଦେଖିଲା ବାଘ ରାଜା ହେଲେ ତାର ଭେଳା ବୁଡ଼ିବ । ସେ ଅନ୍ୟକୁ ଠକାଠକି କରିପାରିବ ନାହିଁ । ଅନ୍ୟପକ୍ଷରେ ତାକୁ ଅଧିକ କାମ କରିବାକୁ ପଡ଼ିବ । ସେ ଅଧିକ ସମୟ ନପାଇଲେ ଏଣେତେଣେ ବୁଲିପାରିବ ନାହିଁ କି କାହାକୁ ଠକିପାରିବ ନାହିଁ । ଏଥିପାଇଁ ସେ ଭାଲୁକୁ ରାଜା କରାଇବା ପାଇଁ ବାଟ ଖୋଜିଲା । ଏହାଦ୍ୱାରା ଦୁଇଜଣଙ୍କର ଲାଭ ହେବ ବୋଲି ଚିନ୍ତାକଲା । ଯେହେତୁ ଭାଲୁକୁ ଶାସନ କାର୍ଯ୍ୟ ବେଶୀ ଜଣାନାହିଁ, ସେଥିପାଇଁ ସେ ବିଲୁଆ ଉପରେ ନିର୍ଭର କରିବ । ଯାହାଫଳରେ ଶାସନକାର୍ଯ୍ୟ ତା' ହାତରେ ରହିବ । କିନ୍ତୁ ବାଘ ଥିଲା ପର୍ଯ୍ୟନ୍ତ ଭାଲୁ ଶାସନ ଭାର ପାଇବା ସମ୍ଭବ ନୁହେଁ । କାରଣ ସବୁ ପ୍ରାଣୀ ବାଘକୁ ବେଶୀ ଭଲପାଆନ୍ତି ।

ବିଲୁଆ ବହୁତ ଭାବି ଭାବି ଦିନେ ରାତିରେ ବାଘ ବିଶ୍ରାମ ନେଉଥିବା ବେଳେ ତା' ପାଖକୁ ଗଲା । ବାଘକୁ ପ୍ରଶଂସା କରି ବହୁତ କଥା କହିଲା । ତା' କଥାରେ ବାଘ ଖୁସି ହୋଇଗଲା । ଯଦିଓ ବାଘ ତାକୁ ଭଲପାଏନି ଘରକୁ ଯାଇଛି ଯେତେବେଳେ ତାକୁ ଟିକେ ବିଶ୍ୱାସ କଲା । ଏହି ମଉକା ପାଇ ବିଲୁଆ ବାଘକୁ କହିଲା, "ର୍ବମାନ ରାଜ୍ୟର ଅବସ୍ଥା ବହୁତ ଖରାପ । ବାହାରର ଶତ୍ରୁମାନେ ଏହାକୁ ଆକ୍ରମଣ କରିବାକୁ ପ୍ରସ୍ତୁତ ହେଉଥିବାର ମୁଁ ନିଜେ ଆଖିରେ ଦେଖିଆସିଲି । ତେଣୁ ଯିଏ ଏହି ରାଜ୍ୟର ରାଜା ହେବ ତାକୁ ବହୁତ ମହଙ୍ଗା ପଡ଼ିବ । ଏହା ଶୁଣି ବାଘ କହିଲା, "ଦେଖାଯିବ ଯାହାହେବ । ଶତ୍ରୁକୁ ଦମନ କରିବା ପାଇଁ ଆମ ରାଜ୍ୟର ବହୁତ ବୀର ଅଛନ୍ତି ।" ଏହା ଶୁଣି ବିଲୁଆର ବୁଦ୍ଧି ହଜିଗଲା । ତାପରେ ସେ ବୁଦ୍ଧି ଖଟାଇ କହିଲା, "ଏ ରାଜ୍ୟର ରାଜା ହେବା ତୁମ ପକ୍ଷେ ନିଶ୍ଚିତ । କିନ୍ତୁ ଆମର ଗୋଟିଏ ପଡ଼ୋଶୀ ରାଜ୍ୟ ଅଛି ଯାହାକୁ ଅନ୍ୟ ଜଣେ ଜୟ କରିବାକୁ ସ୍ଥିର କରିଛନ୍ତି । ତା ପୂର୍ବରୁ ସେହି ରାଜ୍ୟକୁ ଜୟ କରିନେଲେ ତୁମର ବଡ଼ ରାଜ୍ୟ ହୋଇଯିବ ।" ବାଘର ରାଜ୍ୟ ଲୋଭ ବଢ଼ିଲା । ବିଲୁଆ ବାଘକୁ ପୁଣି କହିଲା, "ତାହାର ରାଜା ଅତ୍ୟନ୍ତ ଦୁର୍ବଳ । ପରାସ୍ତ କରିବା ଅତି ସହଜ । ସେଇଟି ଆମ ରାଜ୍ୟ ସହିତ ମିଶିଲେ ବହୁତ ଭଲ ହେବ ।"

ବାଘ କିଛି ସୈନ୍ୟ ଧରି ପରଦିନ ତାକୁ ଜୟ କରିବାକୁ ବାହାରିଲା । ଏତିକିବେଳେ ଭାଲୁ ସେହି ରାଜ୍ୟକୁ ଦଖଲ କରିନେଲା । ବାଘ ପଡ଼ୋଶୀ ରାଜ୍ୟକୁ ଦଖଲ କଲା ସିନା ଆଉ ନିଜ ରାଜ୍ୟକୁ ଫେରିପାରିଲା ନାହିଁ । ସେତେବେଳକୁ ତା ପାଖରେ ଅଳ୍ପ ସୈନ୍ୟ ଥିଲେ । ଭାଲୁ ବିଲୁଆ ସହିତ ମିଶି ବାଘକୁ ସହଜରେ ପରାସ୍ତ କରିଦେଲା । ଏଥିପାଇଁ ପଡ଼ୋଶୀ ରାଜାଙ୍କର ସାହାଯ୍ୟ ବି ନେଲା ।

ବାଘ ବାଧ ହୋଇ ପଡ଼ୋଶୀ ରାଜ୍ୟର ରାଜା ହୋଇ ରହିଲା । ସେ ପ୍ରଜାମାନଙ୍କୁ ଖୁସିରେ ପାଳିଲା । ସେ ବିଲୁଆର ଚାଲ୍ ବୁଝିଗଲା । ଏହିପରି କିଛି ଦିନ ଯିବା ପରେ ଧୀରେ ଧୀରେ ବିଲୁଆ ପ୍ରକୃତ ଶାସନର୍କତ୍ତା ହୋଇ ରହିଲା । ଭାଲୁ କେବଳ ନାମମାତ୍ର ଶାସନର୍କତ୍ତା ରହିଲା । ବିଲୁଆ ତାର ଫାଇଦା ପାଇଁ କାମ କଲା । ବିଭିନ୍ନ ପ୍ରକାର ଭୋଜିଭାତ କରି ଭାଲୁକୁ ଖୁଆଇଲା । ଭାଲୁ ମଧ ସେଥିରେ ଖୁସି ହୋଇଗଲା । ବିଲୁଆର କାର୍ଯ୍ୟରେ ଜଙ୍ଗଲର ସବୁ ପ୍ରାଣୀ ଅସ୍ତବ୍ୟସ୍ତ ହୋଇପଡ଼ିଲେ । କିନ୍ତୁ ଯେତେ ଯାହା କଲେ ବି ସବୁକଥାକୁ ବିଲୁଆ ଭାଲୁ ଆଗରେ ହସରେ ଉଡ଼ାଇଲା ।

ପ୍ରାଣୀମାନଙ୍କ ଭିତରେ ଅସନ୍ତୋଷ ବଢ଼ିବାରୁ ଦିନେ ସବୁ ପ୍ରାଣୀ ଏକାଠି ହୋଇ ଭାଲୁକୁ ରାଜଗାଦିରୁ କାଢ଼ିଲେ । ବିରାଟ ଶୋଭାଯାତ୍ରାରେ ବାଘକୁ ଆଣି ରାଜପଦରେ ବସାଇଲେ । ବିଲୁଆ ଏ ଉତ୍ସବ ଦେଖି ଅଚେତ ହୋଇପଡ଼ିଲା । ସେ ତାପରେ ଆଉ କେବେ ବି ରାଜଦରବାର କି ଭାଲୁ ପାଖ ମାଡ଼ିଲା ନାହିଁ । ପ୍ରାଣୀମାନଙ୍କର ଏକତା ଆଗରେ ଭାଲୁ ଓ ବିଲୁଆ ହାରିଲେ ।


+ ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା, ପୁରୀ-୨
ଫୋନ୍-୯୭୭୬୨୩୮୫୨୨

# କବିତା
ତୁମ ପାଇଁ

## ଏକତାରେ ହିଁ ବଳ
ରାମଚନ୍ଦ୍ର ବେହେରା

ଜେଜେ କୁହନ୍ତି ନିଇତି ଗପ
ହୋଇଲେ ସଂଜ ବେଳ
ଗପ ଶେଷରେ ହସି କୁହନ୍ତି
ଏକତାରେ ହିଁ ବଳ।
ସାଂଗ ସାଥୀଂକ ସହ ଖେଳିବ
ନକରି କଳି ଗୋଳ
ନିଜ ଭିତରେ କରିଲେ କଳି
ଦୁର୍ବଳ ହୁଏ ଦଳ।
ଏକତା ଭାବ ନଥିଲେ ପ୍ରାଣେ
ଚମକେ ନାହିଁ ଖେଳ
ବିଜୟ ଆଶା ମଉଳି ଯାଏ
ମିଳଇ ଦୁଃଖ ଫଳ।
ମନ ମିଳିଲେ ବଳ ଆସଇ
କାମ ହୁଅଇ ପୁରା
ଆମରି ଦେଶ ସ୍ୱାଧୀନ ହେଲା
ଏକାଠି ଲଢି ପରା।
ଗୋଟିଏ କାଠି ଭାଂଗେ ସହଜେ
ନଭାଂଗେ ବିଡାଟିଏ
ସବୁ ସମ୍ଭବ ଏଇ ଜଗତେ
ଏକତା ଯଦି ଥାଏ।
ଖାଇବା ଆଶେ ଜାଲରେ ଛନ୍ଦି
ହୋଇଲେ ପାରା ଦଳ
ଏକାଠି ହୋଇ ଉଡି ସେ ଗଲେ
ବଂଚାଇଥିଲେ ପ୍ରାଣ।
ବଢେଇ ଭାଇ ପଟାକୁ ଯୋଡି
ବୋଇତ କରେ ଠିଆ
ବହୁ ଲୋକଂକୁ ନଇ ବୁକୁରେ
ହୁଅଇ ସିଏ ସାହା।
ଯାନ ବାହନ ଜୀବ ଓ ଜନ୍ତୁ
ଧୀରେ ସେ ବୋହିନିଏ
କାଠ ପଟାର ମିଳନ ଯୋଗୁଁ
ତା'ବଳ ବଢିଯାଏ।
ଏକତା ରଖି କରିଲେ କାମ
ସୁଫଳ ଆଶା ବଢେ
ସୈନିକ ଭାଇ ଏକାଠି ରହି
ଶତ୍ରୁଂକ ସହ ଲଢେ।
ଆସରେ ସର୍ବେ କରିବା କାମ
ଆନନ୍ଦେ ହୋଇ ମେଳ
ଛୋଟ ପିଲାଂକୁ ବୁଝାଇ ଦେବା
ଏକତାରେ ହିଁ ବଳ।

+ ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୭୩୪୩୪୬



## ନୂତନ ଓଡ଼ିଶା ଗଢିବି
ନୀଳମଣି ଚାନ୍ଦ

ପଢିବିରେ ପାଠ ପଢିବି
କାଳିଆ ଘୋଡ଼ାରେ ଚଢ଼ିବି
ଉତ୍କଳ ଟ୍ୟାନେରୀ ଭଳି କାରଖାନା
ଓଡ଼ିଶା ମାଟିରେ ଗଢ଼ିବି।

କୁଳବୃଦ୍ଧ ନାମ ସୁମରି
କହିବି କୁମାର,କୁମାରୀ
ଭାଷା ,ମାଟି ମାଆ କାମଟି ତ ଆଗ
ମୁଖ୍ୟ ହୋଇ ରହୁ ଆମରି।

'ଉତ୍କଳ ଗୌରବ' ପରିରେ
ବାରିଷ୍ଟରୀ ଡିଗ୍ରୀ ଧରିରେ
ଯିଏ ଅସହାୟ ତା ପାଇଁ ଲଢିକି
ମୁଖେ ଦେବି ହସ ଭରିରେ।

ହୋଇବି ପଗଡ଼ି ପୁରୁଷ
ମୋ କାମ ହୋଇବ ସରସ
ଜାତି ନନ୍ଦିଘୋଷ ନ ଚଳିଲେ ଭାଇ
କେମିତି ହେବାରେ ହରଷ।

ଦୁଃଖରେ ଭାଙ୍ଗି ନ ପଡ଼ିବି
ପ୍ରଗତି ଶୀର୍ଷକୁ ଚଢିବି
ସଫଳ କରିବି ମଧୁ ବାବୁ ସ୍ୱପ୍ନ
ନୂତନ ଓଡ଼ିଶା ଗଢିବି।

ଭୁବନେଶ୍ୱର,ମୋ:୯୫୮୩୨୦୨୩୫୭

## ବଢିଲା ଖରା
ଗୋପୀନାଥ ଦାଶ

ବସନ୍ତ ଗଲା ଗ୍ରୀଷ୍ମ ଆସିଲା
ବଢିଲା ଖରା ତାତି
ସଅଁଳ କରି ଘର ଫେରିବା
ଡେରି ନ କରି ଅତି।

ଥରକୁ ଥର ପାଣି ପିଇବା
ଥଣ୍ଡା ରଖିବା ପେଟ
ଝାଂଜି ପବନ ଦୂରେ ରହିବ ।
ଦେହ ନହେବ କଷ୍ଟ।

ସରବତ ପାଣି ସଦା ପିଇବା
ଖାଇ ଦହି ପଖାଳ
କାମ ନ ଥାଇ ବାହାର ଗଲେ
ଆମକୁ ହେବ କାଳ।

ଯୁଆଡେ ଗଲେ ଗାମୁଛା ଛତା
ପାଣି ବୋତଲ ନେବା
ସୁତା କପଡାର ଲୁଗା ପିନ୍ଧିବା
ଛାଇ ତଳ ଲୋଡ଼ିବା।

କହି ପାରନ୍ତିନି ପଶୁ ପକ୍ଷୀ
ତୋରାଣି ପାଣି ଦେବା
ପ୍ରଚଣ୍ଡ ରୌଦ୍ର ଅସହ୍ୟ ଧରା
ପ୍ରାଣୀ ସହାୟ ହେବା ।

ଛୋଟ ପିଲାଙ୍କୁ ଯତ୍ନ ନେବା
ଶୀତଳ ପବନେ ରଖି
ବୃଦ୍ଧ ବୃଦ୍ଧାଙ୍କୁ ସେବା କରିବା
ଓଦା ଲୁଗରେ ପୋଛି।

ଭୀଷଣ କଷ୍ଟ ଗରମ ଝାଳ
ଅତିଷ୍ଠ ଦୁଇ ମାସ
ବୈଶାଖ ଜୈଷ୍ଠ ଉଷ୍ଣ ଋତୁ
ରବି ତେଜ ଅଶେଷ।

+ବରପାଲି ପଡା, ବଲାଙ୍ଗିର
ମୋ -୬୩୭୧୮୦୫୦୭୦

## ପାଣି ତ ପାଣି
କୀର୍ତ୍ତନ ସାହୁ

ପାଣି ତ ପାଣି ପୋଖରୀ ପାଣି
ଆବଦ୍ଧ ହୋଇ ରହେ
ସେଇ ପାଣିକୁ ପିଇବା ନାହିଁ
ଆମରି ବହି କହେ ।

ପାଣି ତ ପାଣି ନଦୀର ପାଣି
ଯାଉଛି ଧାର ବହି
ହେଲେ ବି ତାହା ଭଲ ନୁହଁଇ
କେତେ ମଇଳା ତହିଁ ।

ପାଣି ତ ପାଣି ବରଷା ପାଣି
ଆକାଶୁ ଝରି ଥାଏ
ବାୟୁ ମଣ୍ଡଳ ଧୂଳି କଣା ହିଁ
ସେଥିରେ ମିଶିଯାଏ।

ପାଣି ତ ପାଣି ଆହୁରି ପାଣି
ଥାଏରେ ମାଟି ତଳେ
ନଳକୂଅରେ ଆସେ ସେ ପାଣି
ପିଇଲେ ତାହା ଚଳେ।

ସବୁଠୁ ଭଲଫୁଟାଇ ପାଣି
ଶୀତଳ କରି ଦିଅ
ଭଲକି ତାକୁ ଛାଣିବା ପରେ
ଖୁସି ମନରେ ପିଅ।

ଏବେ ବିଜ୍ଞାନବଳେ କେତେ ଯେ
ଥାକରେ ଛଣା ଯାଏ
ସେ ପାଣି ପରା ଦେହକୁ ହିତ
ଏ କଥା କୁହା ଯାଏ।

+ମିଶ୍ର କଲୋନୀ
ଶାଳପଡ଼ା, କେନ୍ଦୁଝର
ମୋ: ୯୪୩୮୪୧୪୭୦୧

# ସପନଟି ସତ ହୁଏ



ଡକ୍ଟର କୁମାର ବାବୁଲି



ରିଙ୍କି ଭାରି ଚଗଲିଟା, ମନକୁ ଯାହା ଆସିବ ତାହା କରିବ। ବୋଉ ଓ ମାଆ ଠାକୁର ପୂଜା କଲେ ସେବି ଠାକୁରଙ୍କୁ ପୂଜା କରିବ। ଧୂପ ଦେବ ଠାକୁରଙ୍କୁ ପ୍ରଣାମ କରିବ। ଜେଜେ ଧ୍ୟାନ କଲେ ସେବି ଧ୍ୟାନରେ ବସିଯିବ। ଏଣିକି ରିଙ୍କି ଟିକେ ବଡ଼ ହେଲାଣି। କୁନି ପାଟିରେ ଗୁଲୁ ଗୁଲିଆ କଥା ବେଶ ସୁନ୍ଦର ଲାଗୁଛି। ସବୁ କଥାରେ ଜିଦ୍ କରୁଛି କିଛି ଖାଉନି। ସବୁ ବେଳେ ପାଣିରେ ଚବର ଚବର ହେଉଛି।


ନୂଆ ନୂଆ ପାଠ ପଢୁଛି ହେଲେ ସବୁ କଥା ବୁଝେ। ଏଇଟା କ'ଣ ସେଇଟା କ'ଣ ଜାଣିବା ପାଇଁ ବଡ଼ ମାନଙ୍କ ଠାରେ ବେଶ ରଗଡ଼ ଝଗଡ଼ କରେ। ନୂଆ କଥା ନୂଆ ଜିନିଷ ବିଷୟରେ ଜାଣିବା ପାଇଁ ତାର ବେଶ ଆଗ୍ରହ।

ଥରେ ତାକୁ ଜ୍ୱର ହେଲା। ସ୍କୁଲ ଯାଇ ପାରିଲାନି। ଔଷଧ ଖାଇଲା ଦୁଇ ତିନି ଦିନ ଘରେ ଶୋଇଲା। ହେଲେ କିଛି ଲାଭ ହେଲା ନାହିଁ। ଶୋଇ ଶୋଇ ଠାକୁରଙ୍କୁ ଡ଼ାକେ ଭାବେ ମିଟୁ, ପାରା, ମିଉଁ, ଏମାନଙ୍କୁ ଜ୍ୱର ହେଲେ କ'ଣ କରନ୍ତି ? ବାବାତ କାହିଁ ମିଟୁକୁ କେବେ ଔଷଧ ଆଣି ଦିଅନ୍ତିନି। ଏମିତି କେତେ କଥା ଭାବୁ ଭାବୁ ଆଖି ତାର ନିଦେଇ ଯାଇଛି। ନିଘୋଡ଼ ନିଦରେ ଶୋଇ ଯାଇଛି। ଆଉ ସ୍ୱପ୍ନ ଦେଖୁଛି। ଅନ୍ଧାର ରାତି। ଚାରି ଆଡ଼େ ଶୂନ୍ ଶାନ୍। ରିଙ୍କିକୁ ଟିକେ ଟିକେ ଡ଼ର ମାଡ଼ିଲା। ସେ ଆକାଶକୁ ଅନେଇଲା। ଦେଖିଲା। ବାଦଲ ଫାଙ୍କ ଦେଇ ପରିରାଣୀ ଓ ତାଙ୍କ ସାଙ୍ଗସାଥି ମାନେ ବାହାରିଲେ। ତୋଫା ଗୋରା ଚେହେରା ସାଙ୍ଗକୁ ଧବଫରଫର ଦୁଇଟି ଡ଼େଣା ହସ ହସ ମୁହଁ। ମୁଣ୍ଡରେ ସୁନା ମୁକୁଟ ଝଲମଲ। ଦେହରେ ସୁନା ଜରିଦିଆ ପୋଷାକ।

ଆକାଶରୁ ଧିରେଧିରେ ଅହ୍ଲାଇ ରିଙ୍କି ଶୋଇଥିବା ଘର ଭିତରକୁ ପସି ଆସିଲେ। ରିଙ୍କି ସେମାନଙ୍କୁ ପ୍ରଣାମ କଲା। ତା ପରେ ପରୀ ରାଣୀ ତା ମୁଣ୍ଡକୁ ଆଉଁସି ଦେଇ ଫୁଲ ତୋଡ଼ାଏ ବଢ଼ାଇ ଦେଲେ।

ସଫା ଧଳା ରଙ୍ଗର ଫୁଲ ଗୁଡ଼ିଏ। ରିଙ୍କି ସେ ଫୁଲ ଗୁଡ଼ିକୁ ଚିହ୍ନି ପାରୁ ନଥାଏ। ତେବେ ସେ ଫୁଲର ମହକ ତା ମନକୁ କିଣି ନେଉଥାଏ। ଏବେ ପରିରାଣୀ ଧିରେଧିରେ ତା ପିଠି ଆପୁଡ଼େଇ ଦେଲେ। ରିଙ୍କି ଅନୁଭବ କଲା ସତେ ଯେପରି ତା ଦେହ ଭଲ ହୋଇଯାଇଛି। ସେ ଏବେ ସ୍କୁଲ ଯାଇ ପାରିବ। ଆଉ ଅଳ୍ପ ଦିନ ରହିଲା ପରୀକ୍ଷା, ପରୀକ୍ଷା ମଧ ସେ ଦେଇ ପାରିବ। ଖୁସିରେ ସେ ପରିରାଣୀଙ୍କୁ କୁଣ୍ଢାଇ ପକାଇଲା।

ଏତିକି ବେଳେ ଜେଜେଙ୍କ ଡ଼ାକରାରେ ତା ନିଦ ଭାଙ୍ଗିଗଲା। ଜେଜେ ବିଛଣା କଡ଼ରେ ବସି ଥିଲେ। ରିଙ୍କି ତାଙ୍କୁ କୁଣ୍ଢାଇ ପକାଇଲା। କଣ କହିବ କିଛି ଭାବି ପାରୁ ନଥାଏ। ଖାଲି ବଲ ବଲ କରି ତାଙ୍କ ମୁହଁକୁ ଚାହିଁଥାଏ। ଜେଜେ କଥାଟା ବୁଝି ଗଲେ କହିଲେ କି ସପନ ଦେଖିଲୁ କିରେ ?



ରିଙ୍କି ଥମଥମ ହୋଇ ସବୁକଥା କହି ଗଲା। ଜେଜେ ଶୁଣିସାରି କହିଲେ - ବାଃ - ବଢ଼ିଆ ସପନତ। ହେଲେ ଏଥିରେ କିଛି କିଛି ସତ ମଧ ରହିଛି। ଜେଜେଙ୍କ କଥା ରିଙ୍କିକୁ କେମିତି କେମିତି ଲାଗିଲା। ତେଣୁ ସେ କହିଲା... ଜେଜେ .... ଏଇଟା ସପନ ପରା। ଏଥିରେ ସତ କ'ଣ? ଫୁଲ ବାସନା ରୋଗ ଭଲ ହେଲାଣିନା ହେବ? ଆକାଶ ତ ଆକାଶ ସେଇଠୁ ପରିରାଣୀ କେମିତି ଓହ୍ଲାଇବ ?

ଜେଜେ କହିଲେ – ସବୁ କଥା ସତ। ଏବେ ଆମ ବିଜ୍ଞାନ ଆଗେଇଛି। ଫୁଲ ବାସନାରେ ନାନାଦି ରୋଗ ଭଲ ହେଉଛି। ଆଉ କିଛି ବର୍ଷ ପରେ ଏହା ସାହାଯ୍ୟରେ ଆହୁରି ବଡ଼ ବଡ଼ ରୋଗ ଚିକିତ୍ସା ହୋଇ ପାରିବ। ସେହିପରି ପରିରାଣୀ ହେଲେ ମଣିଷ ଦେହ ଓ ଚଢ଼େଇର ଡ଼େଣାଥିବା ଜୀବଟିଏ। ଏମିତି ଜୀବଥିବା କଥା ଆମେ ବିଶ୍ୱାସ କରିବା କାରଣ ଏବେ ବୈଜ୍ଞାନିକ ମାନେ ଗାଈର ଦେହ ଓ ବାଘର ମୁହଁ ଥିବା ଜୀବ ସୃଷ୍ଟି କରିପାରୁଛନ୍ତି। ଆଜି କାଲି ସବୁ ସମ୍ଭବ ହେଲାଣି।

ଜେଜେ ପାଟିରୁ କଥା ଛଡ଼ାଇ ନେଇ ରିଙ୍କି କହିଲା – ସବୁ କଥା ବିଶ୍ୱାସ ହେଲା ଯେ, ହେଲେ ଫୁଲ ବାସନାରୁ କ'ଣ ରୋଗ ଭଲ ହୋଇ ପାରିବ। ଜେଜେ ଟିକେ ହସି ଦେଇ କହିଲେ – ତେବେ ମନ ଦେଇ ଶୁଣ । ଜାଣିଛୁ ଫୁଲ ଦେହରେ ନାନାଦି ଅର୍କଥାଏ। ଗୋଲାପ, ମଲ୍ଲୀ ଆଦି ଫୁଲରୁ ତାହା ତିଆରି ହୋଇ ବିକ୍ରି ହୁଏ। ସେ ଗୁଡ଼ିଏ ସହଜରେ ବାଷ୍ପ, ହୋଇ ପବନରେ ମିଶିଯାଆନ୍ତି। ଆମ ନାକ ତାକୁ ବାରିପାରେ। ତେଣୁ, ତାହା ଆମକୁ ବାସେ। ଏହି ଅର୍କ ମାନଙ୍କର ଔଷଧ ତିଆରି ବୋଉ ରଖିଥିବା ଜୁଆଣି ଅର୍କ କଥା ତୁତ ଜାଣୁ ପେଟ ଯେତେ ଗୋଳମାଳ ହୋଇଥାଉ, ସେଥିରୁ କେଇ ଟୋପା ପଡ଼ିଗଲେ ସବୁ ଠିକ୍ ହୋଇଯାଏ। ଏଣୁ ଫୁଲ ବାସନାରେ ରୋଗ ଭଲ ନ ହେବ କାହିଁକି ?

ତୁତ ଦେଖୁଛୁ ଆମ ବାଡ଼ିରେ ଥିବା ବେଲ, ନାଲି ଚିରତା, ଭୂଇଁ କଖାରୁ, କଣ୍ଟାବାଇଗଣ, ଗୋବିନ୍ଦ ଗରୁଡ଼ ପୋକସୁଙ୍ଘା, ପାତାଳ ଗରୁଡ଼, ଦୁବ, ତୁଳସୀ, ବାତକୁମାରୀ, ଏସବୁ ଗଛର ଚେର, ଡ଼ାଳ, ଫୁଲ, ସବୁଦିନ ଲୋକେ ଔଷଧ ପାଇଁ ନେଇଯାଉଛନ୍ତି। ତୁମର ମନେଥିବ ଏଇ କେତେଦିନ ତଳେ ବାସନ୍ତି ଆଈ ଘର କୁକୁଡ଼ା ଭାଡ଼ିରେ ଉକୁଣି ହେଲେ ସେ ଆମ ବାଡ଼ିରେ ଥିବା ନଣ୍ଡା ବାଉଲି ନେଇ ତାଙ୍କ ଭାଡ଼ିରେ ରଖିଲେ – ସେ ଗଛର ବାସ୍ନାରେ କୁକୁଡ଼ାର ଉକୁଣି ସବୁ ପଳାଇ ଗଲେ। ସେଦିନ ତ ଟିଭିରେ ଦେଖିଲେ ବିଶଲ୍ୟକରଣୀ ବଳରେ କେମିତି ଲକ୍ଷ୍ମଣ ଜୀବନ ଫେରି ପାଇଲେ।

ଏକଥା ରିଙ୍କି ମନକୁ ବେଶ ପାଇଲା। ଖୁସି ହୋଇ କହିଲା – ତେବେ ସେଇଥି ପାଇଁ କ'ଣ ରୋଗୀ ବିଛଣାରେ ଫୁଲ ପକାନ୍ତି ଓ ପାଖରେ ତୋଡ଼ା ରଖନ୍ତି ?

ଜେଜେ ତା କଥାରେ ଏକମତ ହୋଇ କହିଲେ – ହଁ – ବୋଧହୁଏ ସେଇଆ। ହେଲେ ଦେହ ଠାରୁ ମନ ପାଇଁ ବେଶୀ ଦରକାର କାରଣ ମନ ଭଲ ରହିଲେ ଦେହ ଆପେ ଆପେ ଭଲ ହୋଇଯାଏ। ଆଜିକାଲି ଦୁନିଆଁରେ ମନ ରୋଗୀଙ୍କ ସଂଖ୍ୟା ବଢ଼ି ଚାଲିଛି। ଏଥିରୁ ନାନାଦି ରୋଗ ବଢ଼ି ଚାଲିଛି। ରକ୍ତଚାପ ବଢ଼ିବା, ହୃଦରୋଗ ମୂଳରେ ମନ ରୋଗ ରହିଛି ବୋଲି ଡ଼ାକ୍ତର ମାନେ କହିଲେଣି। ଏହାକୁ ସବୁ ଫୁଲ ବାସ୍ନାରେ ଭଲ କରିହେବ। ତା ଛଡ଼ା ବଦ୍‌ହଜମୀ, ପାକସ୍ଥଳି ଘା, ଶ୍ୱାସ ଭଳି ରୋଗକୁ ଏହା ଉପଶମ କରୁଛି।

ତାଙ୍କୁ ଆଉ କିଛି କହିବାକୁ ନଦେଇ ରିଙ୍କି ପଚାରିଲା – "ଏହା କେଉଁଠି ହେଉଛି" ? ଜେଜେ କହିଲେ ଅନେକ ଦେଶରେ ତେବେ ସେଥିରେ ଆଗୁଆ ଅଛନ୍ତି – ଜାପାନ, ଇଂଲଣ୍ଡ ଆଉ ଆମ ଦେଶ।

ଆମ ଦେଶ କଥା ଶୁଣି ରିଙ୍କିର ଛାତି କୁଣ୍ଢେମୋଟ ହୋଇଗଲା। ଚାଦର ଖୋଲି ଦେଇ ଉଠିବସିଲା। ଜେଜେ ତାକୁ ତାଗିଦ୍ କରି ଶୋଇବାକୁ କହିଲେ – ହେଲେ ରିଙ୍କିର ସେଥିପ୍ରତି ନିଘା ନାହିଁ – କହିଲା – ଯାହାହେଉ, ଆମ ଦେଶରବି ଏ ନୂଆ କଥାଟା ହୋଇଛି। ହେଲେ ଜେଜେ – ଏଇ ଗଛ, ଲତା, ଫୁଲ, ଫଳ, ପାଇଁ ଆମ ଜୀବଜଗତ ବଞ୍ଚି ରହିଛି କିନ୍ତୁ ଏ କଥା ବୁଝିବି ନବୁଝିଲା ପରି ଲୋକମାନେ ଗଛ ଗୁଡ଼ିକୁ କାଟି କୁଟି ସଫା କରି ଦେଉଛନ୍ତି।

ଜେଜେ କହିଲେ – ସୁନ୍ଦର କଥାଟେ ଜାଣିଛ ଆମେ ତ ବୁଢ଼ା ହେଲେଣି। ଆଜି ଅଛୁ କାଲି ନଥିବା ହେଲେ ତୁମେ ମାନେ କାଲିକୁ ବଡ଼ ହେବ। ତୁମେ ଯଦି ଏକଥାକୁ ବୁଝି ଲୋକ ମାନଙ୍କୁ ବୁଝାଇ ପାରିବ ତେବେ ଯାଇ ଆମ ପରିବେଶ ଠିକ୍ ରହିବ, ଠିକ୍ ସମୟରେ ବର୍ଷା ହେବ। ଖରା ବେଶୀ ହେବ ନାହିଁ। ଅଂଶୁଘାତର ଡ଼ର ମଧ ଦୂର ହୋଇଯିବ। ତେବେ ପିଲାମାନେ ଆଜିଠାରୁ କିଛି କିଛି ଗଛ ଲଗାଇବା ଉଚିତ୍।

ହଁ ଜେଜେ ମୁଁ ଗଛ ଲଗାଇବି। ମୋର ସାଙ୍ଗ ସାଥିମାନଙ୍କୁ ପରୀରାଣୀ କଥା କହିବି। ତୁମେ ଦେଖିବ ଆଉ କିଛି ଦିନ ପରେ ଆମ ଅଞ୍ଚଳ ଗଛଲତାରେ ପୁରି ଉଠିବ। ରିଙ୍କି ପାଟିରୁ ଏକଥା ଶୁଣି ଜେଜେ ତାକୁ କୁଣ୍ଢାଇ ପକାଇଲେ।

ସଂପାଦକ-ବାଣୀପୀଠ ଓ ଆମ ସୁନାଚାନ୍ଦ, ବିବେକାନନ୍ଦ ବିହାର, ବଡସାହି, ମୟୂରଭଂଜ, ମୋ: ୯୮୬୧୦୫୯୮୮୩

# ପୁଣି ହାଇକୋର୍ଟରେ କନିଷ୍ଠ ଶିକ୍ଷକ ନିଯୁକ୍ତି ବିବାଦ: ହାଇକୋର୍ଟ ରାୟକୁ ସରକାରଙ୍କ ଚାଲେଞ୍ଜ



କଟକ, ୨୫/୪ (ନି.ପ୍ର): କନିଷ୍ଠ ଶିକ୍ଷକ ନିଯୁକ୍ତି ମାମଲା ପୁଣି ହାଇକୋର୍ଟରେ ପହଞ୍ଚିଛି। କନିଷ୍ଠ ଶିକ୍ଷକ ପଦରେ ନିଯୁକ୍ତି ପାଇଁ ପ୍ରକାଶିତ ମେଧା ତାଲିକାକୁ ରଦ୍ଦ କରି ହାଇକୋର୍ଟ ପ୍ରଦାନ କରିଥିବା ରାୟ ବିରୋଧରେ ରାଜ୍ୟ ସରକାର ଦାଖଲ କରିଥିବା ରିଟ୍ ଅପିଲର ଆଜି ପ୍ରାରମ୍ଭିକ ଶୁଣାଣି ହୋଇଛି। ଏଥିସହିତ ପୂର୍ବର ମେଧା ତାଲିକାରେ ସ୍ଥାନ ପାଇଥିବା କେତେକ ପ୍ରାର୍ଥୀଙ୍କ ତରଫରୁ ଦାଖଲ ରିଟ୍ ଅପିଲ୍‌ର ମଧ ଶୁଣାଣି ହୋଇଛି। ନିଯୁକ୍ତି ନିୟମାବଳୀ ଅନୁସାରେ ପୂର୍ବରୁ ମେଧା ତାଲିକା ପ୍ରକାଶ କରାଯାଇଥିଲା। ମେଧା ତାଲିକାରେ ସ୍ଥାନ ପାଇଥିବା ପ୍ରାର୍ଥୀଙ୍କୁ ପକ୍ଷଭୁକ୍ତ ନ କରି ଓ ପକ୍ଷ ରଖିବାକୁ ସୁଯୋଗ ନ ଦେଇ ମାର୍ଚ୍ଚ ୧୨ରେ ରାୟ ପ୍ରକାଶ କରାଯାଇଥିଲା। ଏଭଳି ସ୍ଥିତିରେ ଜଣିକିଆ ବିଚାରପତିଙ୍କ ରାୟକୁ ରଦ୍ଦ କରାଯାଉ ବୋଲି ରିଟ୍ ଅପିଲ ଗୁଡ଼ିକର ଶୁଣାଣି ବେଳେ ଆବେଦନକାରୀମାନଙ୍କ ତରଫରୁ ଦର୍ଶାଯାଇଥିଲା। ଶୁଣାଣି ସମୟରେ ପ୍ରତିପକ୍ଷଙ୍କ ତରଫରୁ ଆଇନଜୀବୀ ଉପସ୍ଥିତ ଥିଲେ। ଏହି ସବୁ ମାମଲାର ଆସନ୍ତା ୨୯ ତାରିଖରେ ପୂର୍ଣ୍ଣାଙ୍ଗ ଶୁଣାଣି କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜ୍ୟ ସରକାର, ଜୟମାରଥି ସେନାପତି, ସୋମନାଥ ମଣ୍ଡଳ, ବିକାଶ ବେହେରା ଓ ଅନ୍ୟମାନଙ୍କ ତରଫରୁ ଦାୟର ରିଟ୍ ଅପିଲ ଗୁଡ଼ିକର ଏକତ୍ର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶରେ ଓସେପା ପକ୍ଷରୁ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ସ୍କୁଲ ଗୁଡ଼ିକରେ ପ୍ରାୟ ୨୦ ହଜାର କନିଷ୍ଠ ଶିକ୍ଷକ ପଦ ପୂରଣ ପାଇଁ ୨୦୨୩ ସେପଟ୍ଟେମ୍ବର ୧୦ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୨୦୨୪ ଜାନୁଆରି ୧୫ରେ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ତରଫରୁ କନିଷ୍ଠ ଶିକ୍ଷକ ପଦ ପାଇଁ ଚିଠା ମେଧା ତାଲିକା (ଡ୍ରାଫ୍ଟ ମେରିଟ ଲିଷ୍ଟ) ପ୍ରକାଶ ପାଇଥିଲା। କିନ୍ତୁ ନିୟମ ଉଲ୍ଲଂଘନ କରି ଚିଠା ମେଧା ତାଲିକା ପ୍ରସ୍ତୁତ କରାଯାଇଛି ବୋଲି ଅଭିଯୋଗ ହୋଇଥିଲା। ଏନେଇ ହାଇକୋର୍ଟରେ ଏକାଧିକ ମାମଲା ରୁଜୁ ହୋଇଥିଲା। ମାର୍ଚ୍ଚ ୧୨ରେ ହାଇକୋର୍ଟ କନିଷ୍ଠ ଶିକ୍ଷକ ନିଯୁକ୍ତି ସଂପର୍କିତ ମାମଲାଗୁଡ଼ିକର ଏକତ୍ର ଶୁଣାଣି କରି ରାୟ ପ୍ରକାଶ କରିଥିଲେ। ପୂର୍ବରୁ ପ୍ରକାଶିତ ମେଧା ତାଲିକାକୁ ହାଇକୋର୍ଟ ରଦ୍ଦ କରିଥିଲେ। ଏଥିସହିତ ନିଯୁକ୍ତି ନିୟମାବଳୀ ଅନୁସାରେ ଜିଲ୍ଲାୱାରୀ ସାନି ମେଧା ତାଲିକା ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ପକ୍ଷରୁ ୨୦୨୩ ଜାନୁଆରି ୧୫ରେ ପ୍ରକାଶିତ ଚିଠା ମେଧା ତାଲିକା (ଡ୍ରାଫ୍ଟ ମେରିଟ ଲିଷ୍ଟ) ଓ ପରବର୍ତ୍ତୀ ସମୟରେ ମୁଦା ଲଫାପାରେ ସରକାର ହାଇକୋର୍ଟରେ ଦାଖଲ କରିଥିବା ଜିଲ୍ଲାୱାରୀ ମେଧା ତାଲିକା ଗ୍ରହଣୀୟ ହୋଇ ନଥିଲା। ଏଭଳି ସ୍ଥିତିରେ ପୂର୍ବରୁ ପ୍ରସ୍ତୁତ ମେଧା ତାଲିକାକୁ ହାଇକୋର୍ଟ ଅଗ୍ରାହ୍ୟ କରିବା ସହିତ କନିଷ୍ଠ ଶିକ୍ଷକ ନିଯୁକ୍ତି ପାଇଁ ରହିଥିବା ନିୟମାବଳୀ ଅନୁସାରେ ଜିଲ୍ଲାୱାରୀ ସାନି ମେଧା ତାଲିକା ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କନିଷ୍ଠ ଶିକ୍ଷକ ନିଯୁକ୍ତି ପାଇଁ ପ୍ରକାଶିତ ପ୍ରାର୍ଥୀଙ୍କ ମେଧା ତାଲିକା ନିୟମ ଉଲ୍ଲଂଘନ କରି ପ୍ରସ୍ତୁତ ହୋଇଥିବା ଅଭିଯୋଗକୁ ନେଇ ଚିନ୍ତାମଣି ଭୂୟାଁ ଓ ଅନ୍ୟମାନଙ୍କ ତରଫରୁ ଦାୟର ୯ଟି ମାମଲାର ଶୁଣାଣି କରି ହାଇକୋର୍ଟ ଏହି ରାୟ ଦେଇଥିଲେ। ସରକାରଙ୍କ ତରଫରୁ ଆଡଭୋକେଟ ଜେନେରାଲ ଅଶୋକ କୁମାର ପରିଜା, ଜେ.ସେନାପତିଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ବୁଦ୍ଧଦେବ ରାଉତରାୟ ମାମଲା ପରିଚାଳନା କରୁଛନ୍ତି।

# ଲଙ୍ଗଳେଶ୍ୱରରେ ବିଜେଡିର ମିଶ୍ରଣ ପର୍ବ



ଲଙ୍ଗଳେଶ୍ୱର, ୨୬/୪ (ନିପ୍ର) ଲଙ୍ଗଳେଶ୍ୱର ସ୍ଥିତ ପୂର୍ବତନ ସାଂସଦ ଶ୍ରୀଯୁକ୍ତ ଇଂ ରବୀନ୍ଦ୍ର କୁମାର ଜେନାଙ୍କ ବାସଭବନରେ ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଙ୍କ ସ୍ୱଚ୍ଛ ଶାସନ ଏବଂ ନିରନ୍ତର ବିକାଶ ଧାରାରେ ଅନୁପ୍ରାଣିତ ହୋଇ, ବାଲିଆପାଳ ପଞ୍ଚାୟତର ୬ନଂ ୱାର୍ଡ଼ ସଦସ୍ୟ ଶ୍ରୀଯୁକ୍ତ ଲକ୍ଷ୍ମୀଧର ବେହେରା ଏବଂ କଚୁଆପଡ଼ା ଗ୍ରାମ ୨ନଂ ୱାର୍ଡ଼ର ୪୦ରୁ ଉର୍ଦ୍ଧ୍ୱ ପରିବାର କଂଗ୍ରେସ ଓ ବିଜେପି ଦଳ ଛାଡ଼ି ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି । ଜିଲ୍ଲା ଯୁଗ୍ମ ସଂପାଦକ ଯୁବନେତା ଜଗବନ୍ଧୁ ଜେନାଙ୍କ ନେତୃତ୍ୱରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱରର ମାନ୍ୟବର ପୂର୍ବତନ ସାଂସଦ ତଥା ଖୋର୍ଦ୍ଧା ଜିଲ୍ଲା ପର୍ଯ୍ୟବେକ୍ଷକ ଶ୍ରୀଯୁକ୍ତ ଇଂ ରବୀନ୍ଦ୍ର କୁମାର ଜେନା ଯୋଗଦେଇ ସମସ୍ତଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ କରି ବିଜୁ ଜନତା ଦଳକୁ ସ୍ୱାଗତ ଜଣାଇବା ସହ ମିଳିମିଶି ସମୃଦ୍ଧ ଓ ବିକଶିତ ବସ୍ତା - ବାଲିଆପାଳ ଗଢ଼ିବା ପାଇଁ ସଭିଏଁ ବିଜୁ ଜନତା ଦଳର ବିଧାୟିକା ପ୍ରାର୍ଥିନୀ ଶ୍ରୀମତୀ ସୁବାସିନୀ ଜେନା ଏବଂ ସାଂସଦ ପ୍ରାର୍ଥିନୀ ଶ୍ରୀମତୀ ଲେଖାଶ୍ରୀ ସାମନ୍ତସିଂହାରଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ଜୟଯୁକ୍ତ କରାଇବା ପାଇଁ ଆହ୍ୱାନ କରିଥିଲେ । ଏହି ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ବିଜୁ ଛାତ୍ର ଜନତା ଦଳ ସଭାପତି ସୀମନ ଦାସ ମହାପାତ୍ର, ଜିଲ୍ଲା କୃଷକ ସେଲ ସଭାପତି ଅଜୟ ସାମଲ, ଡା. ଟୁଡୁ ପ୍ରମୁଖ ଦଳର ନେତୃବ ?ନ୍ଦ ଉପସ୍ଥିତ ଥିଲେ ।

# ପିଇବା ପାଣି ମୁନ୍ଦାଏ ପାଇଁ ବଜାର ସମେତ ଯାତ୍ରୀ ହନ୍ତସନ୍ତ

ବସ୍ତା୨୬।୪(ନିପ୍ର)ପ୍ରବଳ ଖରା ସହିତ ତାପମାତ୍ରା୪୨ ଡି. ପାର ହୋଇଥିବାବେଳେ ସକାଳ ୯ଟାରୁ ପଦାକୁ ବାହାରିବା କଷ୍ଟକର ହୋଇ ପଡୁଛି । ହେଲେ ମଥାନୀ ଛକରେ ପିଇବା ପାଣିର ବ୍ୟବସ୍ଥା ନଥିବା ବେଳେ ମଥାନୀରେ ବ୍ୟାଙ୍କ, ମାଇନର ଇରିଗେସନ ଅଫିସ, ପୁଣି ମଥାନୀ ବସ ଷ୍ଟପେଜରେ ଓହ୍ଲାଉଥିବା ଯାତ୍ରୀ ମାନେ ଖରାରେ ତୃଷା ମେଣ୍ଟାଇବା ପାଇଁ ପାଣି ମୁନ୍ଦାଏ ପାଇଁ ଡହଳ ବିକଳ ହେଉଛନ୍ତି । ଆଜି ପର୍ଯ୍ୟନ୍ତ ପଞ୍ଚାୟତ ପକ୍ଷରୁ ଜଳ ଛତ୍ର ଖୋଲା ଯାଇନଥିବା ସ୍ଥଳେ ବସୁଧା ଯୋଜନାରେ ପାଇପ ବିଛାଯାଇଛି ହେଲେ ପାଣି ଆସିପାରୁନାହିଁ । ସରପଞ୍ଚଙ୍କୁ ଜଣାଇ ନୟାନ୍ତ ହୋଇଗଲେଣି ବୋଲି ମଥାନୀ ବଜାର କମିଟିର ସଭାପତି ପ୍ରଶାନ୍ତ ମଲ୍ଲିକ, ପୂର୍ବତନ ମଥାନୀ ସରପଞ୍ଚ ଅନିଲ କୁମାର ମହାପାତ୍ର, ଅମୁଲ୍ୟ ମଲିକ, ରାଧାଶ୍ୟାମ ମଲ୍ଲକ ବରେନ୍ଦ୍ର ସାହୁ, ରାଜେନ୍ଦ୍ର ବେହେରା, ବିଜୟ ମହାପାତ୍ର, ସମେତ ବଜାର କମିଟିର ସଦସ୍ୟମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇ ଜି । ଜିଲ୍ଲାପାଳ ଅତି ଶିଘ୍ର ପଦକ୍ଷେପ ନେବା ପାଇଁ ଦାବି ହୋଇଛି । ତେବେ ଏହି ପାଣି ସମସ୍ୟା ସମାଧାନ ପାଇଁ ଆର ଡ୍ଲୁ ଏସ ଜେଇ ବିନୋଦ ବିହାରି ଦାସ ଆଜି ଅପରାହ୍ନରେ ଆସନ୍ତା ୭ଦିନ ମଧ୍ୟରେ ପାଣି ଯୋଗାଇଦେବା ପାଇଁ ପ୍ରତିଶୃତି ଦେଇଛନ୍ତି

# ଆହୁରି ୪ ଦିନ ତତାଇବ, ବିଭିନ୍ନ ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର, ୨୬/୦୪ : ତାତିରେ ସାରା ଓଡିଶା ଜଳୁଛି। ଭୟଙ୍କର ତାତି ଓ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ଆଗକୁ ମଧ୍ୟ ସ୍ଥିତି ସମାନ ରହିବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ବିଶେଷ କରି ଆଗାମୀ ୪ ଦିନ ପର୍ଯ୍ୟନ୍ତ ରାଜ୍ୟରେ ଅଧିକାଂଶ ଜିଲ୍ଲାରେ ଏପରି ଭୟଙ୍କର ତାତି ଦେଖିବାକୁ ମିଳିବ। ସେଥିପାଇଁ ଅଧିକାଂଶ ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ କରିଛି ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର। ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ଅନୁସାରେ ଶନିବାର ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ବୌଦ୍ଧ, ଅନୁଗୋଳ, ଢେଙ୍କାନାଳ, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଜିଲ୍ଲାରେ ଭୟଙ୍କର ଗ୍ରୀଷ୍ମ ପ୍ରବାହ ଜାରି ହେବ। ସେଥିପାଇଁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଜଗତସିଂହପୁର, ଯାଜପୁର, କଟକ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କନ୍ଧମାଳ, ରାୟଗଡ଼ା, କଳାହାଣ୍ଡି, ମାଲକାନଗିରି, ନବରଙ୍ଗପୁର, ବଲାଙ୍ଗିର, ସୋନପୁର, ବରଗଡ଼, ସମ୍ବଲପୁର ଓ ଦେବଗଡ଼ ଜିଲ୍ଲାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ହେବ। ସେଥିପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି।ଏହାଛଡ଼ା ପୁରୀ ଓ କୋରାପୁଟ ଜିଲ୍ଲାରେ ମଧ ଗ୍ରୀଷ୍ମ ପ୍ରବାହ ଜାରି ହେବାର ସମ୍ଭାବନା ରହିଛି। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

# ନବ ଭାରତ ନିର୍ମାଣ ସେବା ପାର୍ଟିର ନିର୍ବାଚନୀ ସଭା : କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କଟାକ୍ଷ

ବାଲିଆପାଳ ୨୬/୪( ନି ପ୍ର ) ନବ ଭାରତ ନିର୍ମାଣ ସେବା ପାର୍ଟିର ନିର୍ବାଚନୀ ସଭା ଗୁରୁ ବାର ବାଲିଆପାଳ ବ୍ଲକର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇ ଯାଇଛି। ଜାମକୁଣ୍ଡା ଠାରେ ଅନୁଷ୍ଠିତ ସଭାରେ ସଦାଶିବ ସେଠୀ ପୌରହିତ୍ୟ କରିଥିବା ବେଳେ ବିଷ୍ଣୁପୁର ଠାରେ ଶିଶିର କୁମାର ଖଣ୍ଡା ସଭା ପରିଚାଳନା କରିଥଲେ। ରାଜନୀତି ରେ ସଂସ୍କାର ନାହିଁ , ସ୍ୱଛ ସରକାର ନାଁ ରେ ଘରୋଇ ସଂସ୍ଥାମାନଙ୍କୁ ଶାଗ ମୁଗ ଦରରେ ଏ ଆକାଶ ବିକ୍ରି ସରିଛି, ସୂର୍ଯ୍ୟ କିରଣ. ପାଣି ପବନ , ମାଟି ମେକ ଇନ ଓଡିଶା , ମେକ ଇନ ଇଣ୍ଡିଆ ନାମ ରେ ପାଣି ଓ ଖଣିମାନ ବିକ୍ରି କରି କେନ୍ଦ୍ର ସରକାର ଓ ରାଜ୍ୟ ସରକାର ବୁଝାମଣା ମାଧମରେ ବିକ୍ରି କରି ହଜାର ହଜାର କୋଟି ଟଙ୍କା ନେଇ ସାରିଛନ୍ତି । ଆଉ ଅଛି କଣ ? ଏବେ ଚାଷୀ ଚାଷ କରିବ ନାହିଁ , ରିଲାଏନ୍ସ ଆମକୁ ନେଇ ଚାଷ କରିବ , ଆମେ ମୁଲିଆ ହେବା , ସିଏ କୃଷିକର ମାଲିକ ହେବ ନାଁରେ ପ୍ରକୃତ ମାଲିକ ହେବ। କରିଛି କିଏ ? ଆଜିର ସରକାର ଦୁର୍ନୀତି , ଭାଷ୍ଟାଚାର , ନାରୀ ନିର୍ଯାତନା, ବେକାରୀ ସମସ୍ୟା, ଆଜି ଗାଁ ଗାଁ ରେ ମଦର ବନ୍ୟା । ସରକାର ଆଜି ବଡ ବଡ ରୋଗ ସୃଷ୍ଟି କରିବା ପାଇଁ ଠିକାଦାର ତିଆରି କରିଛନ୍ତି ।୨୫ବର୍ଷ ପୂର୍ବରୁ ଆଜି ପରି କେନ୍ସର , ହାର୍ଟ ଆର୍ଟକ୍ , ଡାଇବେଟିସ , କିଡ଼ନୀ ରୋଗ ପରି ନୂତନ ବାୟୁ ଜନିତ ରୋଗ ବ୍ୟାପିବାରେ ଲାଗିଛି। ନଥିଲା ରୋଗ ନାଁ ରେ ସାଧାରଣ ଲୋକଙ୍କ ଠାରୁ ଅର୍ଥ ଶୋଷଣ କରୁଛନ୍ତି , ଅଧିକ ରାଜସ୍ୱ ନାଁ ରେ ସି ବି ଏସ ସି ନାଁରେ ଆମ ପିଲା ମାନଙ୍କୁ ପାଷ୍ଚ୍ୟାତ ସଭ୍ୟତା ନାଁ ରେ ଆମ କଳା. ସଂସ୍କୃତି ଓ ପରମ୍ପରାକୁ ଆଜିର ସରକାର ହିଁ ବିଦେଶୀମାନଙ୍କୁ ଆଣି ନଷ୍ଟ କରୁଛନ୍ତି ।ସାମାଜିକ ବ୍ୟବସ୍ଥା ନାହିଁ , ସାଧାରଣ ଲୋକଙ୍କ ମୌଳିକ ଅଧିକାର ଓ ଗ୍ରାମ ସ୍ୱରାଜ ବ୍ୟବସ୍ଥା ନାହିଁ । ଅର୍ଥ ନୈତିକ ବ୍ୟବସ୍ଥାରେ ସଂସ୍କାର ସହିତ ନିଶାମୁକ୍ତ. ବେକାର ମୁକ୍ତ , ରୋଗ ମୁକ୍ତ ,ଋଣ ମୁକ୍ତ , ନାରୀ ସଶକ୍ତିକରଣ ସହିତ ଓଡିଶାରେ ବହୁଜନ, ଦଳିତମାନଙ୍କୁ ସମ୍ବିଧାନର ବ୍ୟବସ୍ଥାରେ ସମାନତା, ମମତା ଓ ସ୍ୱତନ୍ତ୍ରତାକୁ କାଯ୍ୟକାରୀ କାରିବା ସହିତ ପ୍ରତ୍ୟେକ ଗ୍ରାମରେ ସମ୍ବିଧାନ ପ୍ରଶିକ୍ଷଣ କେନ୍ଦ୍ର କରାଯାଇ ସମସ୍ତଙ୍କୁ ପକା ଘର , ପକା ରାସ୍ତା, ସ୍ୱଚ୍ଛ ପାଣି ଓ ବିଜୁଳି ଆଲୁଅ, ଘର ଡିହ ପଟା , ଆତ୍ମ ନିଯୁକ୍ତି ପ୍ରତିଷ୍ଠା କରାଯିବ ବୋଲି ଶ୍ରୀ ସେଠି ଓ ଶ୍ରୀ ଖଣ୍ଡା ପ୍ରକାଶ କରିବା ସହିତ ସେମାନେ ୩୦ ବର୍ଷ ଧରି ସମାଜ ସେବା କରି ଚାଲିଛନ୍ତି ଏ ଅଞ୍ଚଳ ର ଲୋକ ଙ୍କ ପାଇଁ।ଓଡିଶାରେ ପ୍ରାୟେ ଶହେରୁ ଅଧିକ ସଂଗଠନରେ ରହିଛନ୍ତି ।ଆମ ଅଧିକାର ଓ ସମ୍ବିଧାନର ସୁରକ୍ଷା ନିମନ୍ତେ ଲଢେଇରେ ଯୋଗ ଦେବାପାଇଁ ସମବେତ ଲୋକଙ୍କୁ ନିବେଦନ କରିଥିଲେ ।

# ବିଜେଡ଼ିରେ ଯୋଗ ଦେଲେ ବିଜେପି ଉପସଭାପତି ସନ୍ତୋଷ ଦାସ

ଭୁବନେଶ୍ୱର, ୨୬ ଏପ୍ରିଲ - ଗଂଜାମ ଜିଲ୍ଲା ଅନ୍ତର୍ଗତ ସୋରଡା ନିର୍ବାଚନମଣ୍ଡଳୀର ପୂର୍ବତନ ବିଜେପି ଉପସଭାପତି ସନ୍ତୋଷ କୁମାର ଦାସଙ୍କ ସହ ଶତାଧିକ ବିଜେପି କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି ଶୁକ୍ରବାର ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର, ବିଜେଡି ସାଧାରଣ ସମ୍ପାଦକ ଦେବାନନ୍ଦ ମହାପାତ୍ର, ସୋରଡା ବିଧାୟକ ପ୍ରାର୍ଥୀ ସଂଘମିତ୍ରା ସ୍ୱାଇଁ ଓ ସୋରଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ୍ ହୋଇଥିବା ସନ୍ତୋଷ କୁମାର ଦାସଙ୍କ ସହ ଶତାଧିକ ବିଜେପି କର୍ମୀଙ୍କୁ ଡକ୍ଟର ପାତ୍ର, ଶ୍ରୀ ମହାପାତ୍ର, ଶ୍ରୀମତୀ ସ୍ୱାଇଁ ଓ ସ୍ୱାଇଁ ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ। ଆଜି ବିଜେପି କର୍ମୀମାନଙ୍କ ଯୋଗଦାନ ଫଳରେ ବିଶେଷକରି ସୋରଡା ନିର୍ବାଚନମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଡକ୍ଟର ପାତ୍ର, ଶ୍ରୀ ମହାପାତ୍ର, ଶ୍ରୀମତୀ ସ୍ୱାଇଁ ଓ ଶ୍ରୀ ସ୍ୱାଇଁ କହିଥିଲେ। ଏହି ମିଶ୍ରଣ ପର୍ବରେ ମଦନ ବିଶ୍ୱାଳ, ଦୃତିକୃଷ୍ଣ ପଣ୍ଡା, ଅଜୟ କୁମାର ସାହୁ, ଅଭିରାମ ସେଠୀ, ଅଶୋକ କୁମାର ସ୍ୱାଇଁ, ସନ୍ତୋଷ କୁମାର ପାତ୍ର, ବନମାଳୀ ବିଶୋଇ, ଶ୍ରୀକାନ୍ତ ସ୍ୱାଇଁ, ଅନ୍ତର୍ଯ୍ୟାମୀ ସାହୁ, କୃଷ୍ଣଚନ୍ଦ୍ର ନାୟକ, ଋଷିକେଶନ ନାୟକ, ଭଗବାନ ପଣ୍ଡା, ସାରଦା ଶବର, ସତ୍ୟନାରାୟଣ ପ୍ରଧାନ, ଦିବାକର ନାୟକ, ନୟନୀ ନାୟକ, ପ୍ରଫୁଲ୍ଲ ନାୟକ ଓ ପ୍ରଫୁଲ୍ଲ ମଲ୍ଲିକଙ୍କ ସହ ଶତାଧିକ କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ।

# ବିଜେଡ଼ି ଛାଡ଼ି କଂଗ୍ରେସରେ ଯୋଗଦେଲେ ବୈଜୟନ୍ତୀମାଳା ମହାନ୍ତି

ଭୁବନେଶ୍ୱର, ୨୬ ଏପ୍ରିଲ - ବିଜେଡ଼ିର ଆଗଧାଡ଼ିର ନେତ୍ରୀ ତଥା ନୟାଗଡ଼ ଜିଲ୍ଲାର ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷା ଓ ଖଣ୍ଡପଡ଼ା ବ୍ଲକର ପୂର୍ବତନ ଅଧକ୍ଷା ଓ ଉପାଧକ୍ଷା ଶ୍ରୀମତୀ ବୈଜୟନ୍ତୀମାଳା ମହାନ୍ତି ବିଜେଡ଼ି ଛାଡ଼ି ବିଧିବଦ୍ଧ ଭାବେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ଓ ପିସିସି ଗଣମାଧମ ବିଭାଗ ଅଧକ୍ଷ ଡ. ବିଶ୍ୱରଞ୍ଜନ ମହାନ୍ତିଙ୍କ ଉପସ୍ଥିତିରେ କଂଗ୍ରେସ ଦଳରେ ଯୋଗଦେଇଛନ୍ତି। କଂଗ୍ରେସ ଦଳର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବା ସହ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ପ୍ରଭାବିତ ହୋଇ ଶ୍ରୀମତୀ ମହାନ୍ତି କଂଗ୍ରେସରେ ଯୋଗଦେଇଛନ୍ତି। ଶ୍ରୀମତୀ ମହାନ୍ତିଙ୍କର କଂଗ୍ରେସ ଦଳରେ ଯୋଗଦାନ କେବଳ ଖଣ୍ଡପଡ଼ା ନୁହେଁ ସମଗ୍ର ନୟାଗଡ଼ ଜିଲ୍ଲାରେ କଂଗ୍ରେସ ସଂଗଠନକୁ ସୁଦୃଢ଼ କରିବ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି । କଂଗ୍ରେସରେ ଯୋଗଦେବା ଅବସରରେ ସେ କହିଛନ୍ତି କଂଗ୍ରେସ ସଂଗଠନକୁ ସଶକ୍ତ ଓ ମଜବୁତ କରିବାପାଇଁ ଦଳ ଯେଉଁ ଗୁରୁ ଦାୟିତ୍ୱ ଦେବ ସେ ତୁଲାଇବେ। ଆଜିର ଏହି ମିଶ୍ରଣପର୍ବ କାର୍ଯ୍ୟକ୍ରମରେ ପିସିସି ସାଧାରଣ ସଂପାଦକ ତରୁଣକାନ୍ତ ମିଶ୍ର ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ୨୮ରେ ଓଡ଼ିଶା ଆସିବେ...

କ'ଣ ଗୁରୁମନ୍ତ୍ର ଦେଉଛନ୍ତି ତାହା ଉପରେ ସମସ୍ତଙ୍କ ନଜିର ରହିଛି। ଅନ୍ୟପକ୍ଷରେ ରାଜ୍ୟରେ ମେ' ୧୩ ତାରିଖରେ ପ୍ରଥମ ପର୍ଯ୍ୟାୟ ଭୋଟ ହେବ। କଳାହାଣ୍ଡି, ନବରଙ୍ଗପୁର, ବ୍ରହ୍ମପୁର ଓ କୋରାପୁଟ ନବରଙ୍ଗପୁର ଓ ବ୍ରହ୍ମପୁର ଲୋକସଭା କ୍ଷେତ୍ର ଓ ଏହା ଅଧିନ ସମସ୍ତ ୨୮ ବିଧାନସଭା କ୍ଷେତ୍ର ପାଇଁ ଭୋଟ ଗ୍ରହଣ ହେବ।

### ୫ ବର୍ଷ ତଳେ ଦୁଇ...

ମାର୍କେଟରେ ଡ୍ୟୁଟି କରୁଥିବା ରାତ୍ର ଜଗୁଆଳି ଲୋଚନ ସେଠିଙ୍କୁ କାଠ ଫାଳିଆରେ ଆକ୍ରମଣ କରି ହତ୍ୟା କରିଥିଲେ। ଏହାପରେ ସେ ଓଡଗାଁ ସିନେମା ହଲ ନିକଟରେ ବଦନି ପ୍ରଧାନ ନାମକ ମହିଳାଙ୍କୁ ଘରେ ପଶି ତାଙ୍କୁ ହତ୍ୟା କରିଥିଲା । ଏହି ଘଟଣାରେ ୨୭ ଜଣ ସାକ୍ଷୀଙ୍କ ବୟାନ ଓ ପୁଲିସ ତଦନ୍ତକୁ ଆଧାର କରି ଓଡଗାଁ କୋର୍ଟ ଏହି ରାୟ ଦେଇଛନ୍ତି । ଏପରି ଫାଶୀ ଦଣ୍ଡାଦେଶ ହେବା ନୟାଗଡ଼ ଜିଲ୍ଲାରେ ପ୍ରଥମ ବୋଲି କୁହାଯାଉଛି । ଏହା ବିରୋଧରେ ଅଭିଯୁକ୍ତ ହାଇକୋର୍ଟ ଓ ସୁପ୍ରିମ କୋର୍ଟ ଯାଇ ପାରିବେ ବୋଲି ବରିଷ୍ଠ ଆଇନଜୀବୀ ପ୍ରକାଶ କରିଛନ୍ତି।

### ମେ ୧୩ରେ ଓଡ଼ିଶାରେ...

୨୦ରେ ଓଡ଼ିଶାରେ ହେବ ଦ୍ୱିତୀୟ ପର୍ଯ୍ୟାୟ ଭୋଟ। ଏଥିପାଇଁ ଆଜି ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ପର୍ଯ୍ୟାୟରେ ବରଗଡ଼, ସୁନ୍ଦରଗଡ଼, ବଲାଙ୍ଗିର, କନ୍ଧମାଳ ଓ ଆସ୍କା ସଂସଦୀୟ ଆସନ ଓ ଏହି ସଂସଦୀୟ କ୍ଷେତ୍ରରେ ଥିବା ସମସ୍ତ ବିଧାନସଭା ଆସନ ପାଇଁ ଭୋଟ ଗ୍ରହଣ କରାଯିବ। ବରଗଡ଼ର ପଦ୍ମପୁରରେ ସକାଳ ୭ଟାରୁ ଅପରାହ୍ନ ୪ଟା ଯାଏ ଭୋଟ ଗ୍ରହଣ ହେବ।

### ଇଭିଏମ ଭୋଟକୁ ସୁପ୍ରିମକୋର୍ଟଙ୍କ...

ୟୁନିଟ୍‌କୁ ସିଲ୍ କରାଯିବା ଉଚିତ୍ ଏବଂ ଏହାକୁ ଅତି କମରେ ୪୫ ଦିନ ପର୍ଯ୍ୟନ୍ତ ଷ୍ଟୋର୍ କରି ରଖାଯିବା ଆବଶ୍ୟକ। ଫଳାଫଳ ପ୍ରକାଶ ପାଇବା ପରେ ପ୍ରାର୍ଥୀଙ୍କ ଅନୁରୋଧ କ୍ରମେ ମାଇକ୍ରୋକଣ୍ଟ୍ରୋଲର ଇଭିଏମରେ ପୋଡିଯାଇଥିବା ବା ନଷ୍ଟ ହୋଇଯାଇଥିବା ମେମୋରିକୁ ଏକ ଇଞ୍ଜିନିୟର୍ ଟିମ୍ ଦ୍ୱାରା ଯାଞ୍ଚ କରାଯିବା ଉଚିତ୍। ଏଥିପାଇଁ ପ୍ରାର୍ଥୀଙ୍କୁ ଫଳାଫଳ ପ୍ରକାଶର ସାତ ଦିନ ମଧରେ ଆବେଦନ କରିବାକୁ ପଡିବ ବୋଲି ଖଣ୍ଡପୀଠ କହିଛନ୍ତି। ଖଣ୍ଡପୀଠ ଆହୁରି କହିଛନ୍ତି, ଇଭିଏମ ଯାଞ୍ଚ ପାଇଁ ଆବେଦନ କରିଥିବା ପ୍ରାର୍ଥୀମାନେ ସମସ୍ତ ଖର୍ଚ୍ଚ ବହନ କରିବେ, ଯଦି ଇଭିଏମ୍ ଟାମ୍ପରିଂ ହୋଇଥାଏ ତେବେ ଖର୍ଚ୍ଚ ଫେରସ୍ତ ପାଇବେ। ଖଣ୍ଡପୀଠ ନିର୍ବାଚନ ଆୟୋଗଙ୍କୁ, କାଗଜ ସ୍ଲିପ୍ ଗଣନା ପାଇଁ ଏକ ଇଲେକ୍ଟ୍ରୋନିକ୍ ମେସିନ୍ ପାଇଁ ପରାମର୍ଶ ଯାଞ୍ଚ କରିବାକୁ କହିଛନ୍ତି। ଏଥିସହ ପ୍ରତ୍ୟେକ ଦଳ ପାଇଁ ବାର୍ କୋଡ୍ ରହିପାରିବ କି ବୋଲି ପଚାରିଛନ୍ତି। ଶୁଣାଣି ସମୟରେ ଜଷ୍ଟିସ୍ ଦତ୍ତ କହିଛନ୍ତି, ଏକ ସିଷ୍ଟମ ଉପରେ ସମ୍ପୂର୍ଣ୍ଣ ରୂପେ ଅବିଶ୍ୱାସ କରିବା ଦ୍ୱାରା ଅଯଥା ସନ୍ଦେହ ସୃଷ୍ଟି ହୋଇପାରେ। ସମସ୍ତ ସ୍ତମ୍ଭ ମଧରେ ସମନ୍ୱୟ ଏବଂ ବିଶ୍ୱାସ ବଜାୟ ରଖିବା ଉପରେ ଗଣତନ୍ତ୍ର ନିର୍ଭର କରେ। ବିଶ୍ୱାସ ଏବଂ ସହଯୋଗ ମାଧମରେ ଆମେ ଆମର ଗଣତନ୍ତ୍ରର ସ୍ୱରକୁ ମଜବୁତ କରିପାରିବା ବୋଲ୍ ଜଷ୍ଟିସ୍ ଦତ୍ତ କହିଛନ୍ତି।

### ଗାଁକୁ ଆସିପାରିଲାନି...

ବାଲେଶ୍ୱର ସୋର ବ୍ଲକ ଅନନ୍ତପୁର ପଂଚାୟତରୁ ସାମ୍ନାକୁ ଆସିଛି ଏଭଳି ଅଭାବନୀୟ ଦୃଶ୍ୟ। ସୁରଭୀ ନାଥଙ୍କ ଗର୍ଭ ଯନ୍ତ୍ରଣା ହେବାରୁ ୧୦୨ ଆମ୍ବୁଲାନ୍ସକୁ ଫୋନ କରିଥିଲେ ପରିବାର ଲୋକ । କିନ୍ତୁ ରାସ୍ତା ନଥିବାରୁ ୨ କିଲୋମିଟର ଦୂରରେ ଅଟକି ରହିଥିଲା ଆମ୍ବୁଲାନ୍ସ । ପରେ ପରିବାର ଲୋକ ସୁରଭୀଙ୍କୁ ଖଟିଆରେ ବୋହି କି ନେଇଥିଲେ । ଖାଲି ରାସ୍ତା ନୁହେଁ ଅନେକ ମୌଳିକ ସୁବିଧାରୁ ମଧ ବଂଚିତ ଅଛନ୍ତି ଏଠାକାର ଲୋକେ । ବାରମ୍ବାର ଦାବି ପରେ ବି ଏଠାରେ ରାସ୍ତା ନିର୍ମାଣ ହୋଇପାରୁ ନାହିଁ । ତେଣୁ ତୁରନ୍ତ ସମସ୍ୟାର ସମାଧାନ କରା ନଗେଲ ଭୋଟ ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି ଅଂଚଳବାସୀ ।

### କେଜ୍ରିୱାଲଙ୍କ ପାଇଁ ମେଡିକାଲ ...

କେଜ୍ରିୱାଲଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବେ ବୋଲି ଜଣାଯାଇଛି। କେଜ୍ରିୱାଲଙ୍କୁ ଗତ ସୋମବାରଠୁ ପ୍ରତିଦିନ ମଧ୍ୟାହ୍ନ ଭୋଜନ ପୂର୍ବରୁ ଓ ଡିନର ପୂର୍ବରୁ ୨ ୟୁନିଟ୍‌ର ଇନସୁଲିନ୍‌ର ଲୋ ଡୋଜ ଦିଆଯାଉଛି। ଆପ୍ ନେତା ସଞ୍ଜୟ ସିଂହ ଗତକାଲଇ ପିଏମ ମୋଦି ଓ ଦିଲ୍ଲୀ ଉପରାଜ୍ୟପାଳ ଭିକେ ସକସେନାଙ୍କୁ ଚିଠି ଲେଖି ସାଂଘାତିକ ଅଭିଯୋଗ ଆଣିଥିଲେ। ସେ ଲେଖିଥିଲେ ତିହାର ଜେଲ୍ କେଜ୍ରିୱାଲଙ୍କ ପାଇଁ ଟର୍ଚ୍ଚର ରୁମ୍ ପାଲଟିଗଲାଣି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ତରଫରୁ ୨୪ ଘଣ୍ଟା କେଜ୍ରିୱାଲଙ୍କ ଉପରେ ନଜର ରଖାଯାଉଛି। ପିଏମ ମୋଦି ଓ ଦିଲ୍ଲୀ ଉପରାଜ୍ୟପାଳଙ୍କ ନିର୍ଦ୍ଦେଶରେ ଏପରି ଜାସୁସି ଚାଲିଛି। ଜାଣିଶୁଣି କେଜ୍ରିୱାଲଙ୍କୁ ୨୩ ଦିନ ପର୍ଯ୍ୟନ୍ତ ଇନସୁଲିନ ଦିଆଗଲାନି। ଆପଣମାନେ ବିପକ୍ଷ ନେତାଙ୍କୁ ଜୀବନରୁ ମାରିଦେବାକୁ ଚେଷ୍ଟା କରୁଛନ୍ତି ବୋଲି ସଞ୍ଜୟ ସିଂହ ଅଭିଯୋଗ କରିଛନ୍ତି। ଅବକାରୀ ନୀତି ଘୋଟାଲା ମାମଲାରେ ମାର୍ଚ୍ଚ ୨୧ରେ କେଜ୍ରିୱାଲଙ୍କୁ ଗିରଫ କରିଥିଲା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)। ସେ ବର୍ତ୍ତମାନ ତିହାର ଜେଲରେ ଅଛନ୍ତି। କେଜ୍ରିୱାଲ ଜଣେ ଟାଇପ୍-୨ ଡାଇବେଟିସ ରୋଗୀ। ୩୦ ବର୍ଷ ଧରି ମଧୁମେହ ରୋଗରେ ପୀଡ଼ିତ ଥିବା ଜଣେ ବ୍ୟକ୍ତିଙ୍କୁ ତିହାର ଜେଲ୍ କର୍ତ୍ତୃପକ୍ଷ ଦୀର୍ଘ ଦିନ ଧରି ଇନସୁଲିନ ଦେଇ ନ ଥିବା ଅଭିଯୋଗ ହୋଇଥିଲା। ଏପରିକି ତାଙ୍କ ରକ୍ତ ଶର୍କରା ସ୍ତର ୩୨୦କୁ ବୃଦ୍ଧି ପାଇବା ପରେ ତାଙ୍କୁ ଇନସୁଲିନ ଦିଆଯାଉଛି। ଏପରି କରି କେଜ୍ରିୱାଲଙ୍କୁ ମାରିବାକୁ ମସୁଧା ଚାଲିଥିବା ଆପ୍ ପକ୍ଷରୁ ଅଭିଯୋଗ ହୋଇଥିଲା।

### ବିଜେପିକୁ ଫେରିଲେ ....

ସେହି ସମୟରେ ପୂର୍ବତନ ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି ଓ ଅନ୍ୟାନ୍ୟ ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ଥିଲେ। ବିଜେପିରେ ମିଶିବା ପରେ ଶ୍ରୀ ଧଡ଼ା କହିଛନ୍ତି, ବିଜେପିକୁ ଫେରିବା ପାଇଁ ସୁଯୋଗ ଦେଇଥିବାରୁ ରାଜ୍ୟ ନେତୃମଣ୍ଡଳୀକୁ କୃତଜ୍ଞତା ଜଣାଉଛି। ମୋର ରାଜନୈତିକ ଜୀବନ ବିଜେପିରୁ ଆରମ୍ଭ ହୋଇଥିଲା। ୨୦୦୯ ମସିହାରେ ପ୍ରଥମ ଥର ପାଇଁ ବିଧାୟକ ଭାବେ ନିର୍ବାଚନ ଲଢ଼ିଥିଲି। ମାତ୍ର ୩୬୦ ଖଣ୍ଡ ଭୋଟ୍‌ରେ ପରାସ୍ତ ହୋଇଥିଲି। ପରବର୍ତ୍ତୀ ପର୍ଯ୍ୟାୟରେ ବିଜେଡିରେ ଯୋଗଦେଇଥିଲି। ଆଉ ୨୦୧୪ ଓ ୨୦୧୯ ମସିହାରେ ବିଧାୟକ ଭାବେ ନିର୍ବାଚିତ ହୋଇଥିଲି। ଆଜି ଅନୁଷ୍ଠାନିକ ଭାବେ ବିଜେଡି ପରିତ୍ୟାଗ କରି ବିଜେପିର ଜଣେ ସାଧାରଣ ଓ ଶୃଙ୍ଖଳିତ ସଦସ୍ୟ ଭାବେ ସାମିଲ୍ ହୋଇଛି। ଏହା ପରେ ଦଳ ମୋତେ ଯେତେବେଳେ ଯେଉଁ ଦାୟିତ୍ୱ ଦେବ, ତାକୁ ସମ୍ପାଦନ କରିବି ବୋଲି ଶ୍ରୀ ଧଡା କହିଛନ୍ତି। ସେ ଆହୁରି କହିଛନ୍ତି, ସମାଜ ସେବା କରିବାକୁ ହେଲେ କିଛି ପ୍ଲାଟ୍‌ଫର୍ମର ଆବଶ୍ୟକତା ରହିଛି। ତେଣୁ ବିଜେଡି ସେହି ସୁଯୋଗ ଦେଇଥିବାରୁ ଲୋକଙ୍କ ପାଇଁ କାମ କରୁଥିଲି। ଏବେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଭାରତ ଏକ ବିକଶିତରାଷ୍ଟ୍ରରେ ପରିଣତ ହେବାକୁ ଯାଉଛି। ସେପରି ସ୍ଥିତିରେ ଓଡ଼ିଶା ବା ସୋର ନିର୍ବାଚନମଣ୍ଡଳୀ କାହିଁକି ପଛରେ ରହିବ ମୋର ସମର୍ଥକ ଓ ବରିଷ୍ଠ କର୍ମକର୍ତ୍ତାଙ୍କ ପରାମର୍ଶରେ ବିଜେପିରେ ସାମିଲ୍ ହୋଇଛି। ଆଗକୁ ବିକାଶଧାରାକୁ ଆଗେଇ ନେବୁ। ସାଧାରଣ ଲୋକଙ୍କ ପାଖରେ କେନ୍ଦ୍ରୀୟ ଯୋଜନାକୁ ପହଞ୍ଚାଇବି ବୋଲି ଶ୍ରୀ ଧଡା କହିଛନ୍ତି।

### ବସ୍‌ରେ ଥିଲେ ୪୦....

ନିଆଁ ଲାଗିଥିବା ଜାଣି ସମସ୍ତ ଯାତ୍ରୀ ତୁରନ୍ତ ବସ୍‌ରୁ ଓହ୍ଲାଇ ପଡ଼ିଥିଲେ। ଏହାପରେ ବସ୍‌ଟି ରାଜପଥ ଉପରେ ହୁତୁହୁତୁ ହୋଇ ଜଳିବାକୁ ଲାଗିଲା। ଖବର ପାଇ ତୁରନ୍ତ ଢେଙ୍କାନାଳ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚିଥିଲେ। ବହୁ ପରିଶ୍ରମ ପରେ ବସ୍‌ର ନିଆଁକୁ କାବୁ କରାଯାଇଥିବା ଜଣାଯାଇଛି। ଏଥିଯୋଗୁ ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ବହୁ ସମୟ ପର୍ଯ୍ୟନ୍ତ ବ୍ୟାହତ ହୋଇଥିଲା। ପୁଲିସ୍ ପହଞ୍ଚି ଜଳି ଯାଇଥିବା ବସ୍‌କୁ ରାସ୍ତାରୁ ହଟାଇବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ତେବେ ଅଗ୍ନିକାଣ୍ଡର କାରଣ ଜଣା ପଡ଼ିନି।

### ଜଳୁଛି ଓଡ଼ିଶା...

ଗ୍ରୀଷ୍ମ ପ୍ରବାହ ଜାରି ରହିବ ବୋଲି ପୂର୍ବାନୁମାନ କରିଛନ୍ତି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି। ସେ କହିଛନ୍ତି, ଗ୍ରୀଷ୍ମ ପ୍ରବାହ ପାଇଁ ରାଜ୍ୟର ଅଧିକାଂଶ ଜିଲ୍ଲାକୁ ରେଡ୍ ଆଲର୍ଟ ଜାରି କରାଯାଇଛି। ଉତ୍ତର ଆଭ୍ୟନ୍ତରୀଣ, ଉପକୂଳ ଓଡ଼ିଶା ସମେତ ରାଜ୍ୟର ଅଧିକାଂଶ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ଆଭ୍ୟନ୍ତରୀଣ ଓଡ଼ିଶାରେ ୪୫ କିମ୍ବା ତା'ଠୁ ଅଧିକ ତାପମାତ୍ରା ରେକର୍ଡ ହେବାର ସମ୍ଭାବନା ରହିଛି। ଦିନ ୧୧ରୁ ୩ ଟା ଭିତରେ ବାହାରକୁ ବାହାରିଲେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି ପାଣିପାଗ ବିଭାଗ। ଆଗାମୀ ୨ ଦିନ ପାଇଁ ଦକ୍ଷିଣ ଓଡ଼ିଶା ସମେତ ଆଖପାଖ ଅଞ୍ଚଳରେ ବର୍ଷାର ସମ୍ଭାବନା ରହିଛି। କୋରାପୁଟ, ମାଲକାନଗିରି, ଗଞ୍ଜାମ, ଗଜପତି, ଖୋର୍ଦ୍ଧାର ଗୋଟିଏ ଦୁଇଟି ସ୍ଥାନରେ କାଳବୈଶାଖି ବର୍ଷା ହୋଇପାରେ। ପଶ୍ଚିମ ଦିଗରୁ ଶୁଷ୍କ ପବନ ପ୍ରବାହିତ ହେଉଛି। ଯାହା ଫଳରେ ଗରମ ବଢ଼ୁଥିବା ନେଇ ସୂଚନା ଦେଇଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶକ ମନୋରମା ମହାନ୍ତି।

# ଜଗନ୍ନାଥ ସାରକାଙ୍କ ପ୍ରାର୍ଥୀପତ୍ର ରଦ୍ଦ କରାଯାଉ : କଂଗ୍ରେସ

ଭୁବନେଶ୍ୱର, ୨୬ ଏପ୍ରିଲ - ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ କଂଗ୍ରେସର ଏକ ପ୍ରତିନିଧି ଦଳ କଂଗ୍ରେସ ବରିଷ୍ଠ ଉପସଭାପତି ଶିବାନନ୍ଦ ରାୟଙ୍କ ନେତୃତ୍ୱରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ତାଙ୍କ କାର୍ଯ୍ୟାଳୟ ଠାରେ ଭେଟି ରାୟଗଡ଼ା ଜିଲ୍ଲା ବିଷମ କଟକ ବିଧାନସଭା ନିର୍ବାଚନୀ ମଣ୍ଡଳୀରେ ବିଜେଡ଼ି ପ୍ରାର୍ଥୀ ମନ୍ତ୍ରୀ ଜଗନ୍ନାଥ ସାରକା ଦାଖଲ କରିଥିବା ପ୍ରାର୍ଥୀପତ୍ର ବିଧି ଅନୁସାରେ ଦାଖଲ ହୋଇ ନଥିବା କଂଗ୍ରେସ ପ୍ରାର୍ଥୀ ନିଳମାଧବ ହିକକାଙ୍କ ଅଭିଯୋଗ ସମ୍ପର୍କରେ ଅବଗତ କରାଇଥିଲେ। ଏ ସମ୍ପର୍କରେ ତୁରନ୍ତ ବିହିତ ପଦକ୍ଷେପ ଗ୍ରହଣ କରି ଶ୍ରୀ ସାରକାଙ୍କ ପ୍ରାର୍ଥୀପତ୍ର ରଦ୍ଦ କରିବାକୁ ଦାବି କରିଥିଲେ। ଶ୍ରୀ ହିକକା ତାଙ୍କର ଅଭିଯୋଗକୁ ମଧ ଭାରତର ମୁଖ୍ୟ ନିର୍ବାଚନ ଆୟୋଗଙ୍କୁ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରିଛନ୍ତି। ଏହି ପ୍ରତିନିଧି ଦଳରେ ଅନ୍ୟମାନଙ୍କ ମଧରେ ବରିଷ୍ଠ କଂଗ୍ରେସ ନେତା ମନୋରଞ୍ଜନ ଦାଶ, ବାଙ୍କନିଧି ବେହେରା ଓ ନଟବର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ଅନୁଗୋଳ ଓ ଛେଣ୍ଡିପଦାରେ କେନ୍ଦ୍ରମନ୍ତ୍ରୀଙ୍କ ପ୍ରଚାର

ଛେଣ୍ଡିପଦା/ଭୁବନେଶ୍ୱର,୨୬/୦୪ (ନି.ପ୍ର): ଦୀର୍ଘ ୨୫ ବର୍ଷର ଅପାରଗ ଓ ସ୍ଥାଣୁ ସରକାରରେ ଅନେକ କ୍ରୀତଦାସ ହେବାକୁ ପସନ୍ଦ କରୁଛନ୍ତି । ମୋର କିନ୍ତୁ କ୍ରୀତଦାସ ହେବାର ପସନ୍ଦ ନାହିଁ । ଓଡ଼ିଆ ଅସ୍ମିତା, ସ୍ୱାଭିମାନ ଓ ସ୍ୱାଧୀନତାରେ ମୋର ଅଗାଢ ବିଶ୍ୱାସ ଅଛି ବୋଲି ଶୁକ୍ରବାର ଅନୁଗୋଳ ଓ ଛେଣ୍ଡିପଦାରେ ନିର୍ବାଚନ ପ୍ରଚାର କରିବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।
ଅନୁଗୋଳ ଓ ଛେଣ୍ଡିପଦା ନିର୍ବାଚନମଣ୍ଡଳୀରେ ଶୋଭାଯାତ୍ରା କରିବା ସହ ଦଳ ପକ୍ଷରୁ ଆୟୋଜିତ କର୍ମୀ ସମ୍ମିଳନୀ ଏବଂ ମିଶ୍ରଣ ପର୍ବରେ ଯୋଗଦେଇଛନ୍ତି କେନ୍ଦ୍ରମନ୍ତ୍ରୀ । ତାଙ୍କ ଉପସ୍ଥିତିରେ ବିଜେଡି ନେତା ତଥା ପୂର୍ବତନ ବ୍ଲକ ଚେୟାରମ୍ୟାନ ଅଶୋକ ପ୍ରଧାନଙ୍କ ସହ ୨ ହଜାରରୁ ଉର୍ଦ୍ଧ୍ୱ ବିଜେଡି କର୍ମୀ ଓ ସମର୍ଥକମାନେ ଦଳରେ ସାମିଲ ହୋଇଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦୃଢ ନେତୃତ୍ୱ ଓ ରାଜନୈତିକ ଇଚ୍ଛାଶକ୍ତି ଉପରେ ଭରସା କରି ଦଳରେ ଯୋଗ ଦେଇଥିବାରୁ ନୂତନ କାର୍ଯ୍ୟକର୍ତ୍ତାଙ୍କୁ ସେ ଧନ୍ୟବାଦ ଜଣାଇବା ସହ ଏହି ମିଶ୍ରଣ ପର୍ବ ଅନୁଗୋଳ ସମେତ ଓଡ଼ିଶାରେ 'ବିଜେପିର ବିଜୟ ସଂକଳ୍ପ' ଯାତ୍ରାକୁ ସୁଦୃଢ଼ କରିବ ବୋଲି କହିଛନ୍ତି । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଗତ ୨୫ ବର୍ଷର ଶାସନରେ ଶାସନରେ ଓଡ଼ିଶାର ବିକାଶ ଅପରିବର୍ତ୍ତିତ ରହିଛି । ଓଡ଼ିଶା ଯେଉଁ ମାତ୍ରାରେ ବିକାଶ ହେବା କଥା ସେହି ମାତ୍ରାରେ ହୋଇନାହିଁ । ଏଥିପାଇଁ ଏଠାକାର ଅପାରଗ ସରକାର ଦାୟୀ । ଓଡ଼ିଆ ଲୋକଙ୍କ କଷ୍ଟ ଅର୍ଜିତ ଅର୍ଥରେ ଦରମା ପାଉଥିବା କିଛି ଅସାଧୁ ଅଣଓଡ଼ିଆ କର୍ମଚାରୀ ଆଜି ଓଡ଼ିଶାକୁ ଲୁଟ୍ କରିବା ପାଇଁ ଷଡ଼ଯନ୍ତ୍ର ରଚିଛନ୍ତି । ଏଥର ନିର୍ବାଚନ ଓଡ଼ିଶାକୁ ଲୁଟ କରିବା ପାଇଁ ଷଡ଼ଯନ୍ତ୍ର କରୁଥିବା ବ୍ୟକ୍ତିଙ୍କ ବିରୋଧରେ ହେବ । କ୍ରୀତଦାସ ବନାମ ସ୍ୱାଭିମାନର ନିର୍ବାଚନ ହେବ । ଓଡ଼ିଆ ଅସ୍ମିତା ପାଇଁ ନିର୍ବାଚନ ହେବ । ବିଜେଡି ସରକାରରେ ରାଜନୈତିକ ଲୋକମାନେ ଅଣଦେଖା ହୋଇଛନ୍ତି । ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନର ସୁରକ୍ଷା ପାଇଁ ଏଥର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ଓଡ଼ିଶାରେ ବିଜେପି ସରକାର କରିବ । ଓଡ଼ିଶାର ଭାଷା, ସଂସ୍କୃତି ଓ ସାହିତ୍ୟର ଗୌରବ ବଢାଇବା ପାଇଁ ଭୋଟ୍ ଦେବା ପାଇଁ ସମବେତ ଜନସାଧାରଣଙ୍କୁ କେନ୍ଦ୍ରମନ୍ତ୍ରୀ ନିବେଦନ କରିଥିଲେ ।

# ମେଘାସନ ମହାବିଦ୍ୟାଳୟରେ ଭୋଟର ସଚେତନତା କାର୍ଯ୍ୟକ୍ରମ




ଉଦଳା,ତା୨୬/୦୪(ନିପ୍ର)- କପ୍ତିପଦା ବ୍ଲକ ଅ'ର୍ଗତ ନୁଦଡ଼ିହାସ୍ଥିତ ମେଘାସନ ମହାବିଦ୍ୟାଳୟ ପରିସରରେ ଆଜି ଏପ୍ରିଲ ୨୬ ତାରିଖ ଶୁକ୍ରବାର ଦିନ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ଆଲୋଚନାଚକ୍ର ଓ ଶୋଭାଯାତ୍ରାର ପର୍ବ ଅନୁଷ୍ଠିତ ହୋଇଥିଲା । ମହାବିଦ୍ୟାଳୟର ଅଧକ୍ଷ ପ୍ରମୋଦ କୁମାର ରାଉତ ଆଲୋଚନା ଚକ୍ରରେ ଅଧକ୍ଷତା କରି ଦେଶରେ ଗଣତନ୍ତ୍ରକୁ ବଂଚାଇ ରଖିବାକୁ ହେଲେ ଭୋଟ ଦାନ କିପରି ଅପରିହାର୍ଯ୍ୟ ସେ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଏହାପରେ ପଂଚାୟତ ଅଧିକାରି ପ୍ରମୋଦ କୁମାର ନାୟକ, ବହୁ ନୂଆ ଭୋଟର ପ୍ରଥମ ଥର ପାଇଁ ଭୋଟ ଦେବାକୁ ଯାଉଥିବାରୁ ଇଭିଏମ୍ ମେସିନରେ କିପରି ଭୋଟ ଦିଆଯାଏ ଏବଂ ଭୋଟର କାହାକୁ ଭୋଟ ଦେଲେ ତାହା ସେ ନିଜେ ଜାଣିବା ପାଇଁ ଭିଭିପାର୍ଟ ମାଧ୍ୟମରେ ଅଳ୍ପ ସମୟ ପାଇଁ କିପରି ପ୍ରଦର୍ଶିତ ହୁଏ ସେ ବିଷୟରେ ଅବଗତ କରାଇଥିଲେ । ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଅଧାପକ ଡ଼. ନିରଂଜନ ପାଠି ଓ ଅଧାପକ ରମେଶ ଚନ୍ଦ୍ର ନାୟକ ପୃଥିବୀର ସର୍ବବୃହତମ ଗଣତନ୍ତ୍ର ଦେଶର ନାଗରିକ ଭାବରେ ଆମେ ନିଜକୁ କିପରି ଗର୍ବ ଅନୁଭବ କରୁ ବ୍ୟକ୍ତ କରିଥିଲେ । ଏହାପରେ ମହାବିଦ୍ୟାଳୟର ଜାତୀୟ ସମର ଶିକ୍ଷାର୍ଥି ବାହିନି, ଯୁବ ରେଡ଼କ୍ରସ ଓ ଜାତୀୟ ସେବା ଯୋଜନାର ଛାତ୍ର ଛାତ୍ରୀ ମାନେ ହାତରେ ପ୍ରଚାର ପତ୍ର ଧରି ସ୍ଲୋଗାନ ମାନ ଦେଇ ଏକ ଶୋଭା ଯାତ୍ରାରେ ବାହାରିଥିଲେ ।

# ନିଆରା ଶୈଳୀରେ ଜଗତସିଂହପୁର ଜିଲ୍ଲା ପ୍ରଶାସନର ଭୋଟର ସଚେତନତା



ପାରାଦ୍ୱୀପ୨୬/୦୪ (ନି.ପ୍ର): ରିଖ: ଚଳିତବର୍ଷ ସାଧାରଣ ନିର୍ବାଚନ ୨୦୨୪ ର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଜଗତସିଂହପୁର ଜିଲ୍ଲା ରେ ଜୁନ ୧ ରେ ମତଦାନ ଧାର୍ଯ୍ୟ ହୋଇଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ଅନୁପମ ସାହା ନିର୍ବାଚନ କୁ ଶାନ୍ତି ଶୃଙ୍ଖଳାର ସହ, ଅବାଧ ଭାବେ ସମ୍ପାଦନ କରିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନେଇଛନ୍ତି । ଭୋଟର ମାନଙ୍କୁ ସଚେତନ କରିବା ନିମନ୍ତେ ସ୍ୱିପ (ସ୍ୱିପ )ଅନ୍ତର୍ଗତ ବିଭିନ୍ନ ସଚେତନତା ଧର୍ମ କାର୍ଯ୍ୟକ୍ରମ ଚାଲୁରହିଛି । ଆଜି ଜିଲ୍ଲାପାଳ ଙ୍କ ତତ୍ତ୍ୱାବଧାନରେ ଏକ ନିଆରା ଢଙ୍ଗରେ ସମସ୍ତ ବର୍ଗର ଜନସାଧାରଣଙ୍କୁ ଜୁନ ୧ ତାରିଖ ରେ ଭୋଟ ଦେବା ପାଇଁ ସଚେତନ କରିବା ନିମନ୍ତେ ସ୍ୱତନ୍ତ୍ର ଭିଡିଓ ବାର୍ତ୍ତା ପ୍ରସ୍ତୁତ କରାଯାଇଛି । ଏହି ଭିଡିଓ ରେ କିନ୍ନର ମାନେ ଗାଡି ରେ ଯାଉଥିବା ବ୍ୟକ୍ତି ମାନଙ୍କୁ ନିମନ୍ତ୍ରଣ ପତ୍ର ମାଧ୍ୟମରେ ଜୁନ ୧ ତାରିଖ ରେ ନିଜେ ଓ ନିଜର ପରିବାର ସହ ବୁଥ ରେ ପହଞ୍ଚି ମତଦାନ ସହ ଦେଶ ଓ ରାଜ୍ୟ ପାଇଁ ନିଜର କର୍ତ୍ତବ୍ୟ ସମ୍ପାଦନ କରିବାକୁ ଅନୁରୋଧ କରୁଛନ୍ତି । ସେହିପରି ଅନ୍ୟ ଏକ ଭିଡିଓ ରେ ଚା' ଖଟି ରେ ଗ୍ରାହକ ମାନଙ୍କୁ ନିଜର ମତଦାନ ଅଧିକାର ସାବ୍ୟସ୍ତ କରିବାକୁ ଜନ ସାଧାରଣଙ୍କୁ ନିବେଦନ କରା ଯାଇଛି । ଜିଲ୍ଲା ପ୍ରଶାସନ ର ଏହି ଅଭିନବ ଶୈଳୀ ନିଶ୍ଚିତ ଭାବେ ଜିଲ୍ଲାବାସୀ ଙ୍କୁ ଜୁନ ୧ ରେ ମତଦାନ ନିମନ୍ତେ ଉତ୍ସାହିତ କରିବ । ପ୍ରକାଶ ଥାଉକି, ଜିଲ୍ଲା ର ବିଭିନ୍ନ ବ୍ଲକ୍ ତଥା ଶିକ୍ଷାନୁଷ୍ଠାନ ମାନଙ୍କରେ ସ୍ୱିପ ମାଧ୍ୟମରେ ଭୋଟର ସଚେତନତା କାର୍ଯ୍ୟକ୍ରମ ଚାଲୁ ରହିଛି ।

# କଂଗ୍ରେସର ବାଇକ ରାଲି ଓ ସାଧାରଣ ସଭା : ଏଥର ସିମୁଳିଆରେ ପରିବର୍ତ୍ତନ ଅବଶମ୍ଭାବୀ



ଖଇରା,୨୬/୪ବାଲେଶ୍ୱର ଜିଲା ସିମୁଳିଆ ନିର୍ବାଚନ ମଣ୍ଡଳି ଖଇରା ବ୍ଲକ ଅନ୍ତର୍ଗତ ଅନ୍ତରା ଜୋନରେ କଂଗ୍ରେସର ଏକ ବାଇକ ରାଲି ଓ ସାଧାରଣ ସଭା ଅନୁଷ୍ଠିତ ହୋଇ ଯାଇଛି । ପ୍ରଥମେ ଶହ ଶହ ସଂଖ୍ୟାର ସମର୍ଥକଙ୍କ ଏକ ବାଇକ ରାଲି ଅଡାଛକରୁ ବାହାରି ଅନ୍ତରା ବଜାର ଦେଇ କନ୍ଦଡା ଠାରେ ପହଞ୍ଚିଥିଲା । ପରେ ଯୁବ ନେତା ଭାଗିରଥି ମହାପାତ୍ର ଙ୍କ ଅଧକ୍ଷତାରେ ଆୟୋଜିତ ସାଧାରଣ ସଭାରେ ଭଦ୍ରକର ଏମ୍ପି ପ୍ରାର୍ଥୀ ଅନନ୍ତ ପ୍ରସାଦ ସେଠୀ,ବିଧାୟକ ପ୍ରାର୍ଥି ହିମାଂଶୁ ଶେଖର ବେହେରା,ବ୍ଲକ କଂଗ୍ରେସ ସଭାପତି ଶରତ ଦାସ ପ୍ରମୁଖ ନେତୃବୃନ୍ଦ ଯୋଗ ଦେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କଟୁ ତିବ୍ର ସମାଲୋଚନା କରିଥିଲେ । କଂଗ୍ରେସ ସମୟରେ ଆରମ୍ଭ ହୋଇଥିବା ଲୋକାଭିମୁଖି ଯୋଜନାକୁ ପରିବର୍ତ୍ତନ କରି ମୋଦି ସରକାର ବାହାବାଃ ନେଉଥିବା ପ୍ରକାଶ କରିଥିଲେ । ସେହିଭଳି ରାଜ୍ୟ ସରକାର ଜଣେ ତାଲିମ ଶାସକଙ୍କ ନିୟନ୍ତ୍ରଣରେ ରହିଥିବାରୁ ଭୋଟର ଉଭୟ ସରକାରକୁ ଗାଦିଚ୍ୟୁତ କରିବାକୁ ଆହ୍ୱାନ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ନେତା ପ୍ରଶାନ୍ତ ପାତ୍ର,ସଞ୍ଜୟ ଦଳେଇ,ଯୁବ କଂଗ୍ରେସ ସଭାପତି ନିରଞ୍ଜନ ପରିଡା,ମହେନ୍ଦ୍ର ସେନାପତି,ପ୍ରଫୁଲ୍ଲ କୁମାର ଦାସ ମଞ୍ଚାସୀନ ହୋଇ ସିମୁଳିଆରେ ଏଥର ଆମଦାନି ହୋଇ ଆସିଥିବା ପ୍ରାର୍ଥିନୀକୁ ହଟାଇବା ସହ ୪୪ ବର୍ଷଧରି ଶାସନରେ ରହିଥିବା ୨ ପରିବାରକୁ ହଟାଇବା ଆବଶ୍ୟକ । ସର୍ବୋପରି ଏଥର ସିମୁଳିଆ ରେ ପରିବର୍ତ୍ତନ ଅବସମ୍ଭାବି ଏବଂ କଂଗ୍ରେସ ବାଜିମାତ କରିବ ବୋଲି କହିଥିଲେ ।

# କାନ୍ଥ ପଡି ୬୫ ବର୍ଷ ବୟସ୍କ ବୃଦ୍ଧଙ୍କ ମୃତ୍ୟୁ

ନୀଳଗିରି ୨୬/୪ (ନି.ପ୍ର) କାନ୍ଥ ପଡ଼ି ଜଣଙ୍କର ମୃତ୍ୟୁ ଘଟଣା ନୀଳଗିରି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ବିବରଣୀରୁ ପ୍ରକାଶ ନୀଳଗିରି ଏନ୍?ଏସି ଅନ୍ତର୍ଗତ ୭ନମ୍ବର ୱାର୍ଡ଼ ବାଲିଗୋହିରି ଗ୍ରାମର ନବଘନ ସାହୁ (୬୫)ପ୍ରତ୍ୟେକ ଦିନ ଭଳି ଗତ ଶୁକ୍ରବାର ରାତି ପ୍ରାୟ ୯ଟା ସମୟରେ ଖାଇପିଇ ସାରି ଗୁହାଳକୁ ଯାଇ ଗୋରୁଙ୍କୁ ଖାଇବାକୁ ଦେଇ ଫେରିବା ବେଳେ ହଠାତ୍ ଗୁହାଳର ଇଟା କାନ୍ଥ ତାଙ୍କ ଉପରେ ପଡିଯିବାରୁ ସେ କାନ୍ଥ ତଳେ ଚାପି ହୋଇ ପୋତି ହୋଇଥିଲେ । ଚିତ୍କାର ଶୁଣି ଘର ଲୋକମାନେ ତାଙ୍କୁ ଉଦ୍ଧାର କରି ପ୍ରଥମେ ନୀଳଗିରି ଡାକ୍ତରଖାନା ଆଣିଥିଲେ ।ଅବସ୍ଥା ଗୁରୁତ୍ୱର ହେବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ନେଉଥିବା ବେଳେ ଅଧା ରାସ୍ତାରେ ତାଙ୍କର ପ୍ରାଣବାୟୁ ଉଡି ଯାଇଥିଲା । ତାଙ୍କ ମରଶରୀର ଗାଁ ରେ ପହଞ୍ଚିବା ପରେ ପରିବାରରେ ଶୋକାକୁଳ ପରିସ୍ଥିତି ଦେଖିବାକୁ ମିଳିଥିଲା । ତାଙ୍କର ଦୁଇପୁଅ, ଦୁଇଝିଅ ଏବଂ ନାତି ନାତୁଣୀ ମରଶରୀର ନିକଟରେ ଉପସ୍ଥିତ ଥିବା ବେଳେ ବଡ଼ପୁଅ ମାନସରଞ୍ଜନ ମୁଖାଗ୍ନୀ ଦେଇଥିଲେ ।ସେ ଜଣେ ଧର୍ମପରାୟଣ,ମେଳାପି, ପରୋପକାରୀ ବ୍ୟକ୍ତି ଥିବାରୁ ତାଙ୍କର ମୃତ୍ୟୁରେ ଗଭୀର ଶୋକ ପ୍ରକାଶ ପାଇଛି ।

# ବ୍ଲକ ପ୍ରଶାସନର ପ୍ରତିଶୃତି ୪୫ ଦିନ ପରେ ମଧ ପାଣି ମିଳିପାରି ନଥିବାରୁ ଆଜି ଗ୍ରାମବାସୀଙ୍କ ରାସ୍ତା ଅବରୋଧ



ବେତନଟୀ ୨୬/୪: ବେତନଟୀ ବ୍ଲକ ମୁଖ୍ୟ କାର୍ଯ୍ୟାଳୟ କୁ ଲାଗିଥିବା ଦୁଇ ଟି ଗ୍ରାମପଞ୍ଚାୟତ ର ଦୁଇଟି ଗ୍ରାମ ର ବାସିନ୍ଦା ମାନେ ବ୍ଲକ ପ୍ରଶାସନ ର ପ୍ରତିଶୃତି ୪୫ ଦିନ ପରେ ମଧ ପାନୀୟ ଜଳ ନପାଇବାରୁ ଆଜି ବେତନଟୀ - ମେର୍ଦା ରାସ୍ତର ବାହାନଡା ନିକଟରେ ଏହି ଗ୍ରାମବାସୀ ମାନେ ରାସ୍ତା ଅବରୋଧ କରିଥିଲେ । ଦୀର୍ଘ ଦୁଇ ଘଣ୍ଟା ପରେ ବେତନଟୀ ବ୍ଲକ ପ୍ରଶାସନ ଅବରୋଧ କାରୀଙ୍କ ନିକଟରେ ପହଞ୍ଚିଥିଲେ । ବ୍ଲକ ପ୍ରଶାସନ ଅଧିକାରୀ ଙ୍କ ସହ ଗ୍ରାମବାସୀ ଙ୍କ ର ଆଲୋଚନା ପରେ ତିନି ଦିନ ମଧ୍ୟରେ ଗ୍ରାମବାସୀ ମାନଙ୍କୁ ପାନୀୟ ଜଳ ଯୋଗାଣ ପ୍ରତିଶ୍ରୁତି ପରେ ଏହି ରାସ୍ତା ଅବରୋଧ ହଟିଥିଲା । ମିଳିଥିବା ସୂଚନା ଅନୁସାରେ ବେତନଟୀ ଗ୍ରାମ ପଞ୍ଚାୟତର ୧୫ ନମ୍ବର ୱାର୍ଡ ଓ ସୋଠିଲ ପଞ୍ଚାୟତ ର ୪ ନମ୍ବର ୱାର୍ଡ ର ଅଧୀବାସୀ ମାନେ ବେତନଟୀ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ନିର୍ମାଣ ହୋଇଥିବା ପାନୀୟ ଜଳ ପ୍ରକଳ୍ପ ରୁ ଦୀର୍ଘ ଦିନ ଧରି ପାଣି ନେଉଥିବା ବେଳେ କେତେକ ପାଇପ ବିଛାଣ ସମସ୍ୟା ଯୋଗୁଁ ଗ୍ରାମବାସୀ ମାନେ ପାଣି ନପାଇ ଡହଳ ବିକଳ ହେଉଥିଲେ ।୪୫ ଦିନ ପୂର୍ବରୁ ଗ୍ରାମବାସୀ ମାନେ ବେତନଟୀ - ମେର୍ଦା ରାସ୍ତା ଅବରୋଧ କରିଥିଲେ । ଅବରୋଧ ପରେ ତତ୍କାଳୀନ ବେତନଟୀ ବିଡ଼ିଓ ୪୮ ଘଣ୍ଟା ମଧ୍ୟରେ ପାନୀୟ ଜଳ ଯୋଗାଣ ର ବ୍ୟବସ୍ଥା କରାଯିବାର ପ୍ରତିଶ୍ରୁତି ପରେ ଏହି ଅବରୋଧ ହଟିଥିଲା । ମାତ୍ର ଗ୍ରାମବାସୀ ମାନେ ପାନୀୟ ଜଳ ର ସୁବିଧା ପାଇନଥିବାରୁ ପୂନର୍ବାର ଆଜି ସେହି ରାସ୍ତା କୁ ମହିଳା ମାନେ ଗୋଗରା ଓ ବାଲ୍ଟି ଧରି ଧାରଣା ରେ ବସିଥିଲେ । ଖବର ପାଇ ବେତନଟୀ ବିଡିଓ ଗୋପିନାଥ ଖାକା , ସହାକାରୀ ନିର୍ବାହୀ ଯନ୍ତ୍ରୀ ସୈମ୍ୟଶ୍ରୀ ଭୋଇ, ଜଳ ଯୋଗାଣ ପରିବହନ ଅଧିକାରୀ ଗୈରାଙ୍ଗ ଚନ୍ଦ୍ର ନାଏକ, ବେତନଟୀ କନିଷ୍ଠ ଯନ୍ତ୍ରୀ, ବିଜେଡି ର ବରଷ୍ଠ ନେତା ଜ୍ୟୋତିକାନ୍ତ ସାମଲ , ସମେତ ବେତନଟୀ ଥାନା ପକ୍ଷରୁ ଏକ ଟିମ୍ ଘଟଣାସ୍ଥଳକୁ ପହଞ୍ଚି ଗ୍ରାମବାସୀ ମାନଙ୍କୁ ବୁଝାସୁଝା କରିବା ସହିତ ତିନି ଦିନ ପରେ ଗ୍ରାମକୁ ପାନୀୟ ଜଳ ଯୋଗାଣ ହେବ ଓ ଶନିବାର ଠାରୁ ପାଇପ ଲାଇନ କାର୍ଯ୍ୟ ଆରମ୍ଭ ହେ୍ବ ବୋଲି ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀମାନେ ରାସ୍ତାରୋକ ଉଠିଥିଲା ।

# ଇନରହୁଇଲ ତରଫରୁ ଦହି ସରବତ ବଂଟନ





ଉଦଳା,ତା୨୬/୦୪(ନିପ୍ର)- କେବଳ ମହିଳା ମାନଙ୍କୁ ନେଇ ଗଢ଼ି ଉଠିଥିବା କ୍ଲବ ଇନରହୁଇଲ ତରଫରୁ ଆଜି ଏପ୍ରିଲ ୨୬ ତାରିଖ ଶୁକ୍ରବାର ଦିନ ଉଦଳା ସହର ମଧ୍ୟରେ ବାଟୋଇ ମାନଙ୍କୁ ଦହି ସରବତ ବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ବର୍ତମାନ ଗ୍ରୀଷ୍ମର ପ୍ରବାହ ଯୋଗୁଁ ସାଧାରଣ ଜୀବନଯାତ୍ରା ଅସ୍ତବ୍ୟସ୍ତ ହୋଇ ପଡ଼ିଥିବା ବେଳେ ଇନରହୁଇଲର ଏଭଳି କାର୍ଯ୍ୟକ୍ରମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି । କ୍ଲବର ସଭାପତି ଜୟନ୍ତି ପଟ୍ଟନାୟକ ଉକ୍ତ କାର୍ଯ୍ୟକ୍ରମର ନେତୃତ୍ୱ ନେବା ସହିତ ଗ୍ରୀଷ୍ମର ପ୍ରବାହ ନକମିବା ପର୍ଯ୍ୟ' ଏହି କାର୍ଯ୍ୟକ୍ରମ ଜାରି ରହିବ ବୋଲି ସୂଚନା ପ୍ରଦାନ କରିଛନ୍ତି । କ୍ଲବର ସଦସ୍ୟ ମମତା ମହାନ୍ତି, ସୁଜାତା ବିଶ୍ୱାଳ, ପୁଷ୍ପଲତା ପଣ୍ଡା, ଅରୁପମା ମହାପାତ୍ର, ସୁଭଦ୍ରା ରାଉତ, ସୁବାସିନି ପୁଥାଳ ପ୍ରମୁଖ ଏଥିରେ ସହଯୋଗ କରୁଛନ୍ତି । ଇନରହୁଇଲର ଏପରି ଉଦ୍ୟମକୁ ରୋଟାରୀ କ୍ଲବ ଉଦଳାର ପୁର୍ବତନ ସଭାପତି ହରେନ ପଟ୍ଟନାୟକ, ରୋଟାରିଆନ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ସାହୁ, ଅବଜବନ୍ଧୁ ବାରିକ, ପ୍ରତାପ ମହାନ୍ତି, ସର୍ବେଶ୍ୱର ମହାପାତ୍ର, ଦୁଳମଣି ପୁହାଣ ପ୍ରମୁଖ ପ୍ରଶଂସା କରିବା ସହ ସହଯୋଗର ହାତ ବଢ଼ାଇଛନ୍ତି ।

# ହୋଟେଲ ହଲିଡେ ରିସୋର୍ଟ ଠାରେ ଓଡ଼ିଆ ସିନେମାର ୮୮ ତମ ସ୍ୱନକ୍ଷତ୍ର ଉତ୍ସବ ପାଳନ ଅବସରରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ




ପୁରୀ, ୨୬/୦୪ : (ନି.ପ୍ର) ଗୀତିକାର ବଦ୍ରି ମିଶ୍ର ମିଡ଼ିଆ କୁ ସ୍ୱାଗତ କରିବା ପରେ ଫିଲ୍ମୱାଲାର ନିର୍ଦ୍ଦେଶକ ଶ୍ୟାମା ପ୍ରସାଦ ମିଶ୍ର କାର୍ଯ୍ୟକ୍ରମ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଭଲ ଚଳଚ୍ଚିତ୍ର ନିର୍ମାଣ ସତ୍ତ୍ୱେ ପ୍ରଚାର, ପ୍ରସାର ଓ ହଲ ର ଅଭାବ ଯୋଗୁଁ ଆଜିର ସିନେମା ଶିଳ୍ପ ଭୁଶୁଡି ପଡିଛି. ପୁରୀ ରେ ଏ ସମୟରେ ସିନେମା ହଲଟିଏ ମଧ୍ୟ ନାହିଁ । ପୁରୀ ଶିଳ୍ପପତିଙ୍କ ପାଖରେ ଧନ କିମ୍ବା ମନର ଅଭାବ ନାହିଁ, ଯୋଜନାବଦ୍ଧ ଭାବେ କମ ଖର୍ଚ୍ଚରେ ୧୦୦ ସିଟ ବିଶିଷ୍ଟ ହଲ ପୁରୀ ସହିତ ଅନ୍ୟାନ୍ୟ ବ୍ଲକ ଓ ସହରରେ ଆରମ୍ଭ କରାଯାଉ ବୋଲି ପ୍ରସ୍ତାବ ଦେଇଥିଲେ । ଅଭିନେତା ଓ ନିର୍ଦ୍ଦେଶକ ଲକ୍ଷ୍ମୀଧର ପୂଜାପଣ୍ଡା କହିଥିଲେ, ଯେଉଁ ପୁରୀରୁ ଓଡ଼ିଆ ସିନେମା ଆରମ୍ଭ ହୋଇଥିଲା, ସେହି ପୁରୀ ମାଟିରୁ ଓଡ଼ିଆ ସିନେମା ର ୮୮ ତମ ସ୍ୱ ନକ୍ଷତ୍ର ଉତ୍ସବ କରାଯାଇ ସାଂସ୍କୃତିକ ଆନ୍ଦୋଳନ ଆରମ୍ଭ ହୋଇଛ । ଖୁବ ଶୀଘ୍ର ହଲ ନିର୍ମାଣ କରାଯିବା ସହିତ ପୁରୀ କଳାକାର ମାନଙ୍କୁ ନେଇ ଭଲ ସିନେମା ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ ।୨୭ ତାରିଖ ସନ୍ଧ୍ୟାରେ ରୁପା ଆଣ୍ଡ ଟ୍ରୁପ କଳାକାର ଓ ଧାରାବାହିକ କଳାକାରମାନେ ପୁରୁଣା ଓଡ଼ିଆ ସଂଗୀତକୁ ନେଇ ନୃତ୍ୟ ପ୍ରସ୍ତୁତ କରିବେ । ଭୁବନେଶ୍ୱର ଓ ପୁରୀର କଣ୍ଠଶିଳ୍ପୀ ମାନେ ଓଡ଼ିଆ ସିନେମା ସଂଗୀତ ପ୍ରସ୍ତୁତ କରିବେ । ମୋହନ ସୁନ୍ଦର ଦେବ ଗୋସ୍ୱାମୀ ଙ୍କ ବଡ଼ ନାତି ନଟରାଜ ଦେବ ଗୋସ୍ୱାମୀ ଓଡ଼ିଆ ସିନେମା କପି ନ କରାଯାଇ ଘରେ ସପରିବାର ବସି ଦେଖିଲା ପରି ଓଡ଼ିଆ ମୌଳିକ କାହାଣୀ କୁ ନେଇ ଆରମ୍ଭ ହେଉ ବୋଲି ମତ ବ୍ୟକ୍ତ କରିଥିଲେ । ଗୀତିକାର ଓ ଆୟୋଜକ ବଦ୍ରି ମିଶ୍ର କହିଲେ, ପୁରୀରେ ଅନେକ ସିନେମା ହୋଇଛି. ଶ୍ରୀ ଶ୍ରୀପତିତପାବନ, ଲଳିତା, ଶ୍ରୀ ଲୋକନାଥ, ସିନ୍ଦୁର ବିନ୍ଦୁ, ଚିଲିକା ତୀରେ ଓ ଏବେ ଆହୁରି ଅନେକ ଚଳଚ୍ଚିତ୍ର ହେଉଛି । ଓଡ଼ିଶାରେ ପ୍ରଥମ ଥର ପାଇଁ ଓଡ଼ିଆ ସିନେମା ର ୮୮ ବର୍ଷ ପୁରୀରେ ପାଳନ କରିବାକୁ ଏହି ଚିନ୍ତା କରିଛନ୍ତି ଯାହାକି ପୁରୀବାସୀ ଓ ସବୁ ସିନେମା ପ୍ରେମୀ ଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ । ସହଯୋଗୀ ଅନୁଷ୍ଠାନ ନିର୍ମାଲ୍ୟର ମୁଖ୍ୟ ତଥା ଏହି କାର୍ଯ୍ୟକ୍ରମର ଆୟୋଜକ, ମୁଖପାତ୍ର ବିଶ୍ୱନାଥ ମିଶ୍ର କହିଲେ ପୁରୀ ମାଟିରୁ ଓଡ଼ିଆ ସିନେମାର ପ୍ରଚାର ଓ ପ୍ରସାର ପାଇଁ ଆହ୍ୱାନ ଫଳରେ ଆହୁରି ଭଲ ସିନେମା ପ୍ରସ୍ତୁତ ହେବ ଓ ଦର୍ଶକ ନିଶ୍ଚୟ ଓଡ଼ିଆ ସିନେମା ଦେଖିବେ । ହୋଟେଲ ହଲିଡେ ରେସର୍ଟର ରାଜ କିଶୋର ପାତ୍ର କହିଲେ, ପୁରୀରେ ଫିଲ୍ମ ହଲ ପାଇଁ ଉଦ୍ୟମ ଚାଲୁଛି । ଖୁବ ଶୀଘ୍ର ଏହା ସମ୍ପୂର୍ଣ୍ଣ ହେବ । ଏହି ସାମ୍ବାଦିକ ସମ୍ମିଳନୀରେ ବିଭୁ ପ୍ରସାଦ ମିଶ୍ର, ସଂଗଠକ ଶ୍ୟାମ ପ୍ରକାଶ ସେନାପତି ଓ ଅଭିନେତା ଗୌରୀ ରଞ୍ଜନ ବାରିକ ମଧ ଯୋଗ ଦେଇଥିଲେ ।

# ଲକ୍ଷ୍ମୀ ବାସନ୍ତୀ ମୂକ ଓ ବଧିର ସ୍ୱତନ୍ତ୍ର ଆବାସିକ ବିଦ୍ୟାଳୟରେ ଚଷମା ବଣ୍ଟନ



ବସ୍ତା ୨୬/୪/(ନିପ୍ର) ରିଖ ଶୁକ୍ରବାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ଆଶା' ଦ୍ୱାରା ପରିଚାଳିତ 'ଲକ୍ଷ୍ମୀ ବାସନ୍ତୀ ମୂକ ଓ ବଧିର ସ୍ୱତନ୍ତ୍ର ଆବାସିକ ବିଦ୍ୟାଳୟ'ରେ କମ ଦୃଶ୍ୟମାନ ହେଉଥିବା ଛାତ୍ରଛାତ୍ରୀ ଙ୍କୁ ଚଷମା ବଣ୍ଟନ କରାଯାଇଛି । ସରକାର ଙ୍କ ଦ୍ୱାରା ସୂନେତ୍ର ଯୋଜନାରେ ଡକ୍ଟର ସୁଶ୍ରୀ ସ୍ୱୀକୃତୀ ରାଉତ ଙ୍କ ଦ୍ୱାରା ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା କରାଯାଇ ଅଳ୍ପ ଦୃଶ୍ୟମାନ ହେଉଥିବା ଛାତ୍ରଛାତ୍ରୀଙ୍କ ବିଦ୍ୟାଳୟର ଅଧକ୍ଷ ତଥା ସମାଜ ସେବୀ ଅମର କୁମାର ପାଳ ଚଷମା ବଣ୍ଟନ କରିବା ସହିତ ବିଦ୍ୟାଳୟର ଶିକ୍ଷକ ଚନ୍ଦନ କୁମାର ବିଶ୍ୱାଳ, ସ୍ୱାତାରାଣୀ ମହାପାତ୍ର, ନିର୍ମଳା ବାସିନୀ ସେନାପତି, ଅପରାଜିତା ସେନାପତି, ପ୍ରଦୀପ କୁମାର ସାହୁ, ଜୟଶ୍ରୀ ସ୍ୱାଇଁ, ଭକ୍ତ ରଞ୍ଜନ ସାହୁ, ନରୋତ୍ତମ ବିଶ୍ୱାଳ, ଶ୍ରୀଯୁକ୍ତ ଗଜେନ୍ଦ୍ର ନାଥ ପ୍ରଧାନ, ଅଶୋକ ବିଶ୍ୱାଳ, ଅଜୟ ଦଳାଇ, ହେମାଙ୍ଗିନୀ ମାହାର୍ଣ୍ଣା, ଅଞ୍ଜୁରାଣୀ ଦାସ, ଅପର୍ଣ୍ଣା ରାଉତ ପ୍ରଭୃତି ଉପସ୍ଥିତ ରହିବା ସହିତ ସହଯୋଗ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo